Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

+Vol - 21+ Issue No:319+ 19 March 2026 (Thursday) + Rourkela + Rs.2.00 + Page -1 +୨୧ ବର୍ଷ +ସଂଖ୍ୟା:୩୧୯+୧୯ ମାର୍ଚ୍ଚ ୨୦୨୬ (ଗୁରୁବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ରାଜ୍ୟସଭାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଦାୟୀ ଭାଷଣ :

ଦେବଗୌଡା-ମଲ୍ଲିକାର୍ଜୁନ ଖାର୍ଗେ-ଶରଦ ପାଓ୍ୱାରଙ୍କୁ କଲେ ପ୍ରଶଂସା

ନୂଆଦିଲ୍ଲୀ,୧୮/୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ରାଜ୍ୟସଭାରେ ବରିଷ୍ଠ ସାଂସଦମାନଙ୍କୁ ବିଦାୟୀ ଭାଷଣ ଦେବା ସମୟରେ କହିଛନ୍ତି, ପୁରୁଣା ପିଢ଼ିର ନେତାମାନଙ୍କ ଅଭିଜ୍ଞତା ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏକ ଅମୂଲ୍ୟ ସମ୍ପତ୍ତି, ଏବଂ ନୂତନ ସାଂସଦମାନେ ସେମାନଙ୍କଠାରୁ ଶିଖିବା ପାଇଁ ପ୍ରତ୍ୟେକ ସୁଯୋଗକୁ ହାତଛଡ଼ା କରିବା ଉଚିତ ନୁହେଁ। ରାଜନୀତି ଏପରି ଏକ କ୍ଷେତ୍ର ଯେଉଁଠାରେ କେବେବି ପୂର୍ଣ୍ଣଚ୍ଛେଦ ପଡ଼ିନଥାଏ । ସଦନ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରେ, ଏବଂ ପ୍ରତ୍ୟେକ ସଦସ୍ୟଙ୍କର ଏକ ଅନନ୍ୟ ଭୂମିକା ଥାଏ । ଗୃହରେ ଦଳୀୟ ସୀମା ଅତିକ୍ରମ କରି ପାରସ୍ପରିକ ସମ୍ମାନର ଭାବନା ସୃଷ୍ଟି ହୋଇଥାଏ । ପ୍ରଧାନମନ୍ତ୍ରୀ କହିଛନ୍ତି, କାର୍ଯ୍ୟକାଳ ଶେଷ ହେବା ପରେ ସଦନ ଛାଡି ଯାଉଥିବା ନେତାମାନଙ୍କୁ ମୁଁ କହିବାକୁ ଚାହୁଁଛି ଯେ, ରାଜନୀତିର କୌଣସି ଶେଷ ନାହିଁ। ପ୍ରଧାନମନ୍ତ୍ରୀ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବଗୌଡା, ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଶରଦ ପାଓ୍ୱାରଙ୍କ ଭଳି ବରିଷ୍ଠ ନେତାମାନଙ୍କ ବିଷୟରେ ଉଲ୍ଲେଖ କରି କହିଛନ୍ତି, ଏସବୁ ନେତାମାନେ ସେମାନଙ୍କ ଜୀବନର ଏକ ବଡ଼ ଅଂଶ ସଂସଦୀୟ କାର୍ଯ୍ୟରେ ବିତାଇଛନ୍ତି ।ଏତେ ଲମ୍ବା ଅଭିଜ୍ଞତା ଥିବା ନେତାଙ୍କଠାରୁ ସମସ୍ତ ନୂତନ ସାଂସଦ ଶିଖିବା ଉଚିତ । ସମାଜ ପ୍ରତି ନିଜର ଦାୟିତ୍ୱ ନିର୍ବାହ କରି ଏକ ଉତ୍ସର୍ଗୀକୃତ ମନୋଭାବ ସହିତ ସେମାନେ ଗୃହକୁ ଆସିଛନ୍ତି। ବରିଷ୍ଠ ନେତାମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ଉଦାହରଣ । ମୁଁ ସେମାନଙ୍କ ଅବଦାନକୁ ପ୍ରଶଂସା କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କ କାର୍ଯ୍ୟକାଳର ପ୍ରଶଂସା କରି କହିଛନ୍ତି ଯେ ସେ ବହୁତ ଶାନ୍ତ, ଭଦ୍ର ଏବଂ ସଂଯମ ଭାବରେ ଗୃହ ପରିଚାଳନା କରିଥିଲେ। ହରିବଂଶ ଜୀ ଦୀର୍ଘ ସମୟ ଧରି ଗୃହରେ ସେବା କରିବାର ସୁଯୋଗ ପାଇଥିଲେ । ସେ କେବଳ କଲମ ଧରୁଥିବା ଜଣେ ମହାନ ବ୍ୟକ୍ତିତ୍ୱ ନଥିଲେ, ବରଂ ଜଣେ କଠିନ କର୍ମୀ ମଧ୍ୟ ଥିଲେ। ସେ ଦେଶର ପ୍ରତ୍ୟେକ କୋଣକୁ ପରିଦର୍ଶନ କରି ନିଜର କାର୍ଯ୍ୟ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ହାସ୍ୟରସପୂର୍ଣ୍ଣ ଭାବରେ କହିଛନ୍ତି, ରିପବ୍ଲିକାନ୍ ପାର୍ଟି ନେତା ରାମଦାସ ଆଠଓ୍ୱାଲେ ଜୀ ଯାଉଛନ୍ତି। କିନ୍ତୁ ଏଠାରେ କେହି ତାଙ୍କୁ ମିସ୍ କରିବେ ନାହିଁ। ଆମେ ନିଶ୍ଚିତ ଯେ ସେ ବ୍ୟଙ୍ଗ ପରିବେଷଣ କରି ଚାଲିବେ । ଗୃହରେ ହାସ୍ୟରୋଳ ମଧ୍ୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତି ଦୁଇ ବର୍ଷରେ ଏକ ବଡ଼ ଗୋଷ୍ଠୀ ରାଜ୍ୟସଭାରୁ ଅବସର ନେଉଛନ୍ତି ଏବଂ ପ୍ରତ୍ୟେକ ଥର ନୂତନ ତଥା ପୁରୁଣା ସଦସ୍ୟଙ୍କ ମଧ୍ୟରେ ଅଭିଜ୍ଞତାର ଆଦାନପ୍ରଦାନ ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରୁଛି। ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି,ଗୃହରେ ରହିଥିବା ବରିଷ୍ଠ ସଦସ୍ୟମାନେ ଆସୁଥିବା ନୂତନ ସାଂସଦମାନଙ୍କୁ ସେମାନଙ୍କର ଅଭିଜ୍ଞତା ପ୍ରଦାନ କରିବେ। ଏହି ପ୍ରକ୍ରିୟା ସର୍ବଦା ଜାରି ରହିଛି। ମୁଁ ନିଶ୍ଚିତ ,ଯେ ନୂତନ ସାଂସଦମାନେ ସେମାନଙ୍କର ବରିଷ୍ଠ ସଦସ୍ୟମାନଙ୍କଠାରୁ ଶିକ୍ଷା ଏବଂ ମାର୍ଗଦର୍ଶନ ପାଇବେ।

କାଳ ବୈଶାଖୀ ଯୋଗୁଁ ଭାଙ୍ଗିଲା ଗଛ :

ଚଳନ୍ତା ବାଇକ ଉପରେ ପଡ଼ିଗଲା ଗଛ, ଜ୍ୱାଇଁ ମୃତ ଓ କକା ଶ୍ୱଶୁର ଗୁରୁତର

ଜୟପାଟଣା,୧୮/୩(ନି/ପ୍ର): ଚଳନ୍ତା ବାଇକ ଉପରେ ଗଛ ପଡ଼ିଯିବାରୁ ଗତକାଲି ଜଣଙ୍କର ମୃତ୍ୟୁହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ସୂଚନା ଅନୁସାରେ କଳମପୁର ଥାନା ବରଛି ଗ୍ରାମର ରବିଶଙ୍କର ମାଝୀ (୪୨) ଓ ତାଙ୍କ କାକା ଶଶୁର ଜୟପାଟଣା ଥାନା କୁମଜୋର ଗ୍ରାମର ଅମର ମାଝୀ (୪୫) ଦୁହେଁ ଏକ ବାଇକ ଯୋଗେ ବରଛି ଗ୍ରାମରୁ ବାହାରି ବୀଜମରା ଡିଷ୍ଟ୍ରିବ୍ୟୁଟାରୀ କେନାଲ ରାସ୍ତା ଦେଇ କୁମଜୋରକୁ ଯିବା ସମୟରେ କାଳ ବୈଶାଖୀର ପ୍ରଭାବ ଯୋଗୁଁ ବର୍ଷା ପବନ ହୋଇ କେନାଲ କଡ଼ରେ ଥିବା ଏକ ଗଛ ଭାଙ୍ଗିଯାଇ ରବିଶଙ୍କର ଉପରେ ପଡ଼ିଯାଇଥିଲା ।ଫଳରେ ଘଟଣା ସ୍ଥଳରେ ରବିଶଙ୍କରର ମୃତ୍ୟୁ ହୋଇଥିବା ବେଳେ ବାଇକ ପଛରେ ବସିଥିବା ରବିଶଙ୍କରଙ୍କ କକା ଶ୍ୱଶୁର ଅମର ମାଝୀ ଗୁରୁତର ହୋଇଥିଲେ । ଉଭୟଙ୍କୁ ଉଦ୍ଧାର କରି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟରେ ଭର୍ତ୍ତି କରାଯାଇଥିଲା। ରବିଶଙ୍କରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅମରଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ରବିଶଙ୍କରଙ୍କର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

ପୁଣି ଅଳ୍ପକେ ବର୍ତିଲା ଏସ୍‌ସିବି : ଜଳିଲା ଇଲେକ୍ଟ୍ରି ବୋର୍ଡ

କଟକ,୧୮/୩(ନି/ପ୍ର): କଟକ ବଡ଼ ମେଡିକାଲ ନନ ଟ୍ରମା କାଜୁଆଲଟିରେ ପୁଣି ନିଆଁ । ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବାବେଳେ ରୋଗୀମାନେ ଅଳ୍ପକେ ବର୍ତି ଯାଇଛନ୍ତି। ନନ ଟ୍ରମା କାଜୁଆଲଟିରେ ଶହେରୁ ଅଧିକ ରୋଗୀ ଚିକିତ୍ସିତ ହେଉଥିଲେ । ଧୂଆଁ ବାହାରିବା କାରଣରୁ ସ୍ମୋକ ଡିଟେକ୍ଟର ଅକ୍ଟିଭ ହୋଇଯାଇଥିଲା । ସଠିକ ସମୟରେ ଅଗ୍ନିଶମ କର୍ମଚାରୀ ପହଚିଂ ନିଆଁକୁ ଆୟତ କରିଛନ୍ତି । ଏକ ପ୍ୟାନେଲ ବୋର୍ଡରେ ସର୍ଟସର୍କିଟ ହୋଇଥିବା ସୂଚନା ମିଳିଛି । ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଛି । ରବିବାର ରାତିରେ ଏସସିବି ମେଡିକାଲ ଟ୍ରମା କେୟାର ଆଇସିୟୁରେ ଏହି ଅଗ୍ନିକାଣ୍ଡ ଘଟିଥିଲା ।

ମୁନ୍ଦ୍ରା ପୋର୍ଟରେ ପହଚିଂଲା 'ଜଗ ଲାଡକୀ' :

ଯୁଦ୍ଧକ୍ଷେତ୍ରରୁ ୮୦ ହଜାର ଟନ୍ ତେଲ ଧରି ସୁରକ୍ଷିତ ଫେରିଲା ଭାରତୀୟ ଟ୍ୟାଙ୍କର

ନୂଆଦିଲ୍ଲୀ, ୧୮ ।୩: ସମୁଦ୍ର ପଥରେ ଯୁଦ୍ଧର ବିଭୀଷିକା ମଧ୍ୟରେ ଭାରତୀୟ ନୌସେନାର ଅଦମ୍ୟ ସାହସ । ଇରାନ-ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ମିସାଇଲ ମାଡ଼ ଓ ଉତ୍ତେଜନା ଭିତରୁ ୮୦, ୮୦୦ ଟନ୍ ଅଶୋଧିତ ତୈଳ ଧରି ସୁରକ୍ଷିତ ଭାବେ ଭାରତରେ ପହଚିଂଛି ତୈଳବାହୀ ଜାହାଜ 'ଜଗ ଲାଡକୀ' । ବୁଧବାର ସକାଳେ ଏହି ଭାରତୀୟ ଜାହାଜଟି ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଚିଂଛି । ସୂଚନା ଅନୁଯାୟୀ, ଯେତେବେଳେ ସଂଯୁକ୍ତ ଆରବ ଏମିରେଟ୍ସ (ଟଇର)ର ଫୁଜୈରା ବନ୍ଦରରେ 'ଜଗ ଲାଡକୀ'ରେ ଅଶୋଧିତ ତୈଳ ଲୋଡ୍ କରାଯାଉଥିଲା, ଠିକ୍ ସେହି ସମୟରେ ଇରାନ ପକ୍ଷରୁ ସେଠାରେ ଭୟଙ୍କର ଆକ୍ରମଣ ହୋଇଥିଲା । ଶନିବାର ହୋଇଥିବା ଏହି ଆକ୍ରମଣ ଯୋଗୁଁ କିଛି ସମୟ ପାଇଁ ତୈଳ କାରବାର ବନ୍ଦ କରିବାକୁ ପଡ଼ିଥିଲା । ମାତ୍ର, ଭାରତୀୟ ନୌସେନାର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଜାହାଜ ସହିତ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ରହିଥିଲେ । ଇରାନ ଯୁଦ୍ଧ ପରିସ୍ଥିତି ପରେ ଭାରତକୁ ସଫଳତାର ସହ ଫେରିବାରେ ଏହା ତୃତୀୟ ବଡ଼ ଜାହାଜ । ଶିବାଳିକ ପ୍ରଥମ ଏଲପିଜି ଟ୍ୟାଙ୍କର, ଯିଏ ସୋମବାର ମୁନ୍ଦ୍ରା ପହଚିଂଥିଲା । ନନ୍ଦା ଦେବୀ ଦ୍ୱିତୀୟ ଏଲପିଜି ଟ୍ୟାଙ୍କର, ଯିଏ ମଙ୍ଗଳବାର କାଣ୍ଡଲା ବନ୍ଦରରେ ପହଚିଂଥିଲା । ଜଗ ଲାଡକୀ ତୃତୀୟ ଅଶୋଧିତ ତୈଳ ଟ୍ୟାଙ୍କର, ଯିଏ ଆଜି ମୁନ୍ଦ୍ରାରେ ପହଚିଂଛି । 'ଜଗ ଲାଡକୀ'ର ଅର୍ଥ ହେଉଛି 'ଦୁନିଆର ଗେହ୍ଲା ଝିଅ' । ଏହି ବିଶାଳକାୟ ଟ୍ୟାଙ୍କରଟି ୨୦୧୦ ମସିହାରେ ନିର୍ମିତ ହୋଇଥିଲା । ଏହା ଭାରତର ଅଗ୍ରଣୀ ସିପିଂ କମ୍ପାନୀ 'ଗ୍ରେଟ୍ ଇଷ୍ଟର୍ଣ୍ଣ ସିପିଂ କମ୍ପାନୀ ଲିମିଟେଡ୍' ର ଏକ ଅଂଶ । ଏହି ଜାହାଜ ମୁଖ୍ୟତଃ ଭାରତ ଏବଂ ୟୁଏଇ, ଇରାକ ଓ ସାଉଦି ଆରବ ମଧ୍ୟରେ ବାଣିଜ୍ୟିକ କାରବାର କରେ । ସୁରକ୍ଷିତ ଭାବେ ତିନୋଟି ଜାହାଜ ଫେରିଥିଲେ ମଧ୍ୟ ସଙ୍କଟ ଏଯାଏଁ ଟଳିନାହିଁ । ଶିପିଂ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ, ୨୨ଟି ଭାରତୀୟ ଜାହାଜ ଏବେ ମଧ୍ୟ ହର୍ମୁଜ ପ୍ରଣାଳୀ ଅଚଂଳରେ ରହିଛନ୍ତି । ଏଥିମଧ୍ୟରେ ୬ଟି ଏଲପିଜି ଟ୍ୟାଙ୍କର ଅଛି, ଯେଉଁଥିରେ ୩ ଲକ୍ଷ ଟନରୁ ଅଧିକ ଗ୍ୟାସ୍ ରହିଛି । ଏହା ବ୍ୟତୀତ କେମିକାଲ୍ ଟ୍ୟାଙ୍କର, କଣ୍ଟେନର ସିପ୍ ଏବଂ ବଲ୍କ କ୍ୟାରିୟର ମଧ୍ୟ ସେଠାରେ ଅଟକିରହିଛନ୍ତି । 'ଜଗ ଲାଡକୀ'କୁ ହର୍ମୁଜ ପ୍ରଣାଳୀ ଦେଇ ଆସିବାକୁ ପଡ଼ିନାହିଁ, କାରଣ ଫୁଜୈରା ବନ୍ଦର ଓମାନ ଉପସାଗରରେ ଅବସ୍ଥିତ । ତଥାପି ଯୁଦ୍ଧକ୍ଷେତ୍ରର ନିକଟବର୍ତ୍ତୀ ହୋଇଥିବାରୁ ଏହା ଏକ ବଡ଼ ବିପଦ ଥିଲା ।

ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଇରାନର ପ୍ରତିଶୋଧ ଜାରି :

ଆଚଂଳିକ ସଂଘର୍ଷ ବ୍ୟାପିଲା

ତେହେରାନ/ତେଲ୍ ଅଭିଭ୍,୧୮/୩: ଇରାନ ବିରୋଧରେ ଆମେରିକା-ଇସ୍ରାଏଲର ମିଳିତ ଯୁଦ୍ଧ ତୃତୀୟ ସପ୍ତାହରେ ଅଧିକ ବ୍ୟାପକ ଓ ଭୟାନକ ହୋଇଉଠିଛି। ଆମେରିକାକୁ ସାମରିକ ସହଯୋଗ କରୁଥିବା ଉପସାଗରୀୟ ରାଷ୍ଟ୍ରଙ୍କ ବିରୋଧରେ ଇରାନର ଆକ୍ରମଣ ତୀବ୍ର ହେବା ସହ ଆ*ଳିକ ସଂଘର୍ଷ ଭୀଷଣ ହେବାରେ ଲାଗିଛି। ମଙ୍ଗଳବାର ପ୍ରାରମ୍ଭରେ ଇରାକର ବାଗଦାଦ୍‌ରେ ଆମେରିକା ଦୂତାବାସ ଓ ସାମରିକ ପ୍ରତିଷ୍ଠାନ ଉପରେ ପୁଣି ଥରେ ଡ୍ରୋନ୍ ଓ ରକେଟ୍ ଆକ୍ରମଣର ଏକ ଲହର ଦେଖିବାକୁ ମିଳିଛି। ଇରାକୀ ସୁରକ୍ଷା ଏଜେନ୍ସିମାନେ କହିଛନ୍ତି ଯେ ଇରାନ-ସମର୍ଥିତ ମିଲିସିଆଙ୍କ ଦ୍ୱାରା ଏହି ଆକ୍ରମଣ କରାଯାଇଛି। ଇସ୍ରାଏଲ ବାହିନୀ ତେହରାନ ସମେତ ଇରାନର ବିଭିନ୍ନ ଅଂଚଳରେ ସରକାରୀ ତଥା ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଲକ୍ଷ୍ୟ କରି ଜୋରଦାର ଏୟାରଷ୍ଟ୍ରାଇକ୍ ଚଳାଇଛି। ଏହା ସହିତ ବେରୁତ ସମେତ ଦକ୍ଷିଣ ଲେବାନନରେ ମଧ୍ୟ ଇସ୍ରାଏଲ ଆକ୍ରମଣ ଜାରି ରଖିଛି। ଇସ୍ରାଏଲ ସୀମିତ ଓ ଲକ୍ଷ୍ୟଭେଦୀ ସ୍ଥଳ ଅଭିଯାନ ଦ୍ୱାରା ହେଜବୁଲ୍ଲାର ପ୍ରତିଷ୍ଠାନକୁ ଧ୍ୱଂସ କରୁଛି ଏବଂ ଉତର ଇସ୍ରାଏଲର ସୁରକ୍ଷା ପାଇଁ ଅଧିକ ସୈନ୍ୟ ମୁତୟନ କରିଛି। ଇରାନ ବିରୋଧୀ ଯୁଦ୍ଧରେ ଆମେରିକାକୁ ସହଯୋଗ ମିଳୁନଥିବାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ମିତ୍ରରାଷ୍ଟ୍ରମାନଙ୍କୁ ତିରସ୍କାର କରିଛନ୍ତି। 'ହର୍ମୁଜ ପ୍ରାଣଳୀରେ ଜାହାଜ ସୁରକ୍ଷା ପାଇଁ ଆମ ଆହ୍ୱାନକୁ ସେମାନେ ଅଣଦେଖା କରିଛନ୍ତି ଏବଂ ଏହା ସେମାନଙ୍କ ଦୁର୍ବଳତା' ବୋଲି ଟ୍ରମ୍ପ କହିଛନ୍ତି। ତେବେ ସେ କହିଛନ୍ତି ଯେ ଫ୍ରାନ୍ସ ଓ ବ୍ରିଟେନ ସେମାନଙ୍କ ଅନିଚ୍ଛା ସତ୍ତ୍ୱେ ଆମ ସହିତ ହର୍ମୁଜ ସୁରକ୍ଷାରେ ସାମିଲ ହେବେ। ୟୁରୋପୀୟ ସଂଘ ଏହା ନାଟୋର ଯୁଦ୍ଧ ନୁହେଁ ବୋଲି ଟ୍ରମ୍ପଙ୍କୁ ଶୁଣାଇଦେବା ସହ ସଂଘର୍ଷରେ ଜଡ଼ିତ ହେବାକୁ ମନା କରିଦେଇଛି। ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ଜାରି ରହିଛି। ୟୁଏଇର ଶାହ ତୈଳ କ୍ଷେତ୍ରରେ ଡ୍ରୋନ୍ ଆକ୍ରମଣରେ ନିଆଁ ଲାଗିଛି ଏବଂ ବ୍ୟାପକ କ୍ଷୟକ୍ଷତି ହୋଇଛି। ୟୁଏଇ ଆକାଶପଥ କିଛି ସମୟ ବନ୍ଦ ରହିବା ପରେ ଆଜି ପୁଣି ଖୋଲାଯାଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ମାମଲାରେ ମଧ୍ୟସ୍ଥତା ପାଇଁ ଜାତିସଂଘ ପ୍ରୟାସ କରୁଥିଲେ ମଧ୍ୟ ଏଦିଗରେ କୌଣସି ଅଗ୍ରଗତି ଦେଖିବାକୁ ମିଳୁନାହିଁ। ତେହେରାନ: ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ମଧ୍ୟରେ ଇସ୍ରାଏଲକୁ ଆଉ ଏକ ବଡ଼ ସଫଳତା ମିଳିଛି। ଆଜି ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟଜ୍ ଘୋଷଣା କରିଛନ୍ତି ଯେ ଏକ ସଠିକ୍ ଏୟାରଷ୍ଟ୍ରାଇକ୍‌ରେ ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ମୁଖ୍ୟ ଅଲି ଲାରିଜାନିଙ୍କ ମୃତ୍ୟୁ ଘଟିଛି।

ଦିଲ୍ଲୀର ସାଧନଗରରେ ଭୟଙ୍କର ଅଗ୍ନିକାଣ୍ଡ :
୩ ଜଣ ଶିଶୁଙ୍କ ସମେତ ୭ ମୃତ

ନୂଆଦିଲ୍ଲୀ,୧୮/୩: ନୂଆଦିଲ୍ଲୀ,୧୮/୦୩: ଦିଲ୍ଲୀର ପାଲମରେ ଭୟାବହ ଅଗ୍ନିକାଣ୍ଡ ।ଏକ ୫ ମହଲା କୋଠାରେ ନିଆଁ ଲାଗି ୭ ଜଣଙ୍କର ମୃତ୍ୟୁ । ସେହିପରି ଅନ୍ୟ କେତେକ ଲୋକ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି। ସେହିପରି ଅଗ୍ନିକାଣ୍ଡ ଯୋଗୁଁ ସ୍ଥାନୀୟ ଅଚଂଳରେ ଆତଙ୍କ ସୃଷ୍ଟି କରିଛି। ସୂଚନା ପାଇ ପରେ ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଚିଂ ତଦନ୍ତ ଆରମ୍ଭ କରିଛି। ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତି କରାଯାଇଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ସେହି କୋଠାର ମାଲିକ ରାଜେନ୍ଦ୍ର କଶ୍ୟପ ତାଙ୍କର ସମ୍ପୂର୍ଣ୍ଣ ପରିବାର ସହ ରହୁଥିଲେ। ପରିବାରରେ ପ୍ରାୟ ୧୫ ଜଣ ସଦସ୍ୟ ଥିଲେ। କୋଠାରେ ବେସମେଟ ଏବଂ ଗ୍ରାଉଣ୍ଡ ଫ୍ଲୋରରେ ଏକ ବ୍ୟୁଟି ପାର୍ଲର, ଏକ ଚୁଡ଼ି ଦୋକାନ ଏବଂ ଅନ୍ୟାନ୍ୟ ବ୍ୟବସାୟ ଦୋକାନ ରହିଛି। ତାଙ୍କ ପରିବାର ଉପର ମହଲାରେ ରହୁଥିଲେ ।ପାଲମ ଅଗ୍ନିକାଣ୍ଡର ପ୍ରତ୍ୟକ୍ଷଦର୍ଶୀ ଯୋଗେଶ କହିଛନ୍ତି ଯେ, ସେ ସକାଳ ପ୍ରାୟ ୬ଟା ୪୫ ରେ ନିଆଁ ଲାଗିଥିବା ଦେଖିଥିଲେ ଏବଂ ତାଙ୍କ ବାପା ଅଗ୍ନିଶମ ବାହିନୀକୁ ଫୋନ୍ କରିଥିଲେ। ନିଆଁ ଶୀଘ୍ର ସମଗ୍ର କୋଠାରେ ବ୍ୟାପିଯାଇଥିଲା। ବାଲକୋନିରେ ୬ରୁ ସାତ ଜଣ ଲୋକ ଚିତ୍କାର କରୁଥିବାର ଦେଖାଯାଇଥିଲା, କିନ୍ତୁ ପରେ ସେମାନେ ପଛକୁ ହଟି ଯାଇଥିଲେ। ଧୂଆଁ ତୀବ୍ର ଥିଲା। ସେମାନେ ପାଖ କୋଠାରେ ପ୍ରବେଶ କରି କାନ୍ଥ ଭାଙ୍ଗି ଦେଇଥିଲେ।

ଯୁଦ୍ଧର ପ୍ରଥମ ସପ୍ତାହରେ ଆମେରିକାର ୨୦୦ ସୈନ୍ୟ ନିହତ : ଇରାନ

ତେହେରାନ,୧୮/୩: ଇରାନ ଓ ଆମେରିକା ମଧ୍ୟରେ ଭୟଙ୍କର ଯୁଦ୍ଧ ଚାଲିଥିବାବେଳେ ଯୁଦ୍ଧକୁ ଏବେ ତିନି ସପ୍ତାହରୁ ଅଧିକ ସମୟ ହୋଇଗଲାଣି। ଯୁଦ୍ଧର ପ୍ରଥମ ସପ୍ତାହ ମଧ୍ୟରେ ଆମେରିକାର ୨୦୦ ସୈନ୍ୟଙ୍କର ମୃତ୍ୟୁ ହୋଇଥିବା ଓ ୩,୦୦୦ରୁ ଅଧିକ ସୈନ୍ୟ ଆହତ ହୋଇଥିବା ଇରାନ ଦାବି କରିଛି। ଇରାନ ଗୁଇନ୍ଦାର ଜଣେ ବରିଷ୍ଠ ଅଧିକାରୀ ଜାତୀୟ ଗଣମାଧ୍ୟମ ପ୍ରେସ୍ ଟିଭିକୁ କହିଛନ୍ତି ଯେ, ଆମେରିକା ୧୫୦ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କେନ୍ଦ୍ର ଓ ୨୩ ପ୍ୟାଟ୍ରିଅଟ୍ ଏୟାର ଡିଫେନ୍ସ ସିଷ୍ଟମ ହରାଇଛି। ଏହାସହିତ ଏହାର ୩୭ଟି ବିମାନ ଓ ହେଲିକପ୍ଟର ନଷ୍ଟ ହୋଇଛି। ଆମେରିକାର ୪୩ ପ୍ରତିଶତ ଅସ୍ତ୍ରଶସ୍ତ୍ର ଭଣ୍ଡାର ମଧ୍ୟ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଅଲ ଜଜିରାକୁ ଏକ ସାକ୍ଷାତକାର ଦେଇ ଇରାନ ବିଦେଶ ମନ୍ତ୍ରୀ ଅବାସ ଅରାଘଚି କହିଛନ୍ତି, ଯୁଦ୍ଧ ପାଇଁ ଆମେରିକାକୁ ଦାୟୀ କରାଯିବ ଉଚିତ। ଇରାନ ଯୁଦ୍ଧ ଆରମ୍ଭ କରିନଥିଲା। ଆମେରିକା ଯୁଦ୍ଧ ଆରମ୍ଭ କରିଥିଲା। ତେଣୁ ଏହି ଯୁଦ୍ଧ ପାଇଁ ଇରାନ ହେଉକି, ଏହି ଅଚଂଳ କିମ୍ବା ସାରା ବିଶ୍ୱ ଯେଉଁ ମାନବୀୟ ଓ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ସେଥିପାଇଁ ଆମେରିକା ଦାୟୀ। ଅନ୍ୟପକ୍ଷରେ ଆମେରିକା-ଇରାନ ଯୁଦ୍ଧ ବୃଦ୍ଧି ପାଉଥିବାରୁ ମଧ୍ୟପ୍ରାଚ୍ୟ ଅ*ଳରେ ଜାହାଜ ଚଳାଚଳ ଉପରେ ଆଲୋଚନା କରିବା ପାଇଁ ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ ବୁଧବାର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିଛି। ଲଣ୍ଡନସ୍ଥିତ ଏହାର ମୁଖ୍ୟାଳୟରେ ଜାତିସଂଘ ଏଜେନ୍ସି ଦୁଇ ଦିନିଆ ସମାବେଶରେ ସଂକଳ୍ପ ଗ୍ରହଣ କରିବା ବିଷୟରେ ବିଚାର କରିବାକୁ ପ୍ରସ୍ତୁତ। ପରିଷଦ ଗୁରୁବାର ଅନେକ ପ୍ରସ୍ତାବିତ ସଂକଳ୍ପ ଉପରେ ଭୋଟ୍ ଦେଇପାରେ।



ଅକ୍ଷୟ ପାତ୍ର ଫାଉଣ୍ଡେସନର ୨୫ତମ ବର୍ଷପୂର୍ତି ସମାରୋହ

ପ୍ରତ୍ୟେକ ଶିଶୁଙ୍କ ପାଖରେ ପୁଷ୍ଟିକର ଆହାର ପହଚାଂଇବା ସାମୂହିକ ଦାୟିତ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୮/୩: ଭାରତର ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନ କଲଚୁରାଲ ସେଟଂର ଠାରେ ଅକ୍ଷୟ ପାତ୍ର ଫାଉଣ୍ଡେସନର ୨୫ତମ ବର୍ଷପୂର୍ତି ଏବଂ ୫ ଶହ କୋଟି ଭୋଜନ ପରିବେଷଣର ଗୌରବମୟ ମାଇଲଖୁଟଂ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ମଣ୍ଡିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ମାନ୍ୟବର ରାଷ୍ଟ୍ରପତିଙ୍କ ବକ୍ତବ୍ୟକୁ ଦୋହରାଇ କହିଛନ୍ତି ଯେ, ଶିଶୁମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ଆମର ସାମୂହିକ ଜାତୀୟ ଦାୟିତ୍ୱ। ପୁଷ୍ଟିକର ଖାଦ୍ୟ ହିଁ ଭାରତର ମାନବ ପୁଞ୍ଜିର ମୂଳଦୁଆ । ଅକ୍ଷୟ ପାତ୍ରର ଏହି ଅଭିଯାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ମହାପ୍ରସାଦ' ପରମ୍ପରା ଏବଂ ଭାରତୀୟ ସଭ୍ୟତାର 'ସେବା' ମନୋଭାବ ଉପରେ ପର୍ଯ୍ୟବସିତ । ଏହା ଶ୍ରଦ୍ଧା ଓ ବିଶ୍ୱାସକୁ ଏକ ସୁସଂଗଠିତ ଜନସେବାରେ ରୂପାନ୍ତରିତ କରିବାର ଏକ ଅନନ୍ୟ ଉଦାହରଣ । ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କ ଦର୍ଶନ ଏବଂ ଶ୍ରୀ ମଧୁ ପଣ୍ଡିତ ଦାସ ଓ ଶ୍ରୀ ଚଚଂଳାପତି ଦାସଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ଆଜି ବିଶ୍ୱ ପାଇଁ ଏକ ଆଦର୍ଶ ପାଲଟିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ଜାତୀୟ ଶିକ୍ଷା ନୀତି ୨୦୨୦' ଏବଂ 'ପିଏମ୍ ପୋଷଣ' ଯୋଜନାର ସଫଳ ସମନ୍ୱୟ ଦ୍ୱାରା ଶ୍ରେଣୀଗୃହର କ୍ଷୁଧା ମେଟାଂଯିବା ସହ ପିଲାଙ୍କ ସ୍କୁଲରେ ସ୍ଥିତି ଓ ସର୍ବାଙ୍ଗୀନ ବିକାଶ ସମ୍ଭବ ହୋଇପାରୁଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରତ୍ୟେକ ଶିଶୁଙ୍କ ପାଖରେ ପୁଷ୍ଟିକର ଆହାର ପହଚାଂଇବା ଦ୍ୱାରା ଆମେ ଏକ ସଶକ୍ତ ଭାରତ ଗଠନ କରୁଛୁ, ଯାହା ବିକଶିତ ଭାରତ-୨୦୪୭ର ସଂକଳ୍ପକୁ ସିଦ୍ଧ କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ 'ଏଚପିଭି' ଟୀକାକରଣ ସଚେତନତା ଅଭିଯାନ: ମହିଳାଙ୍କ ପାଇଁ ସୁରକ୍ଷା କବଚ ସାଜିବ ଗୋଟିଏ ଡୋଜ୍ ଟୀକା

କେନ୍ଦୁଝର,୧୮/୩ (ନି/ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦୁଝର ପକ୍ଷରୁ କନ୍ୟା ସନ୍ତାନମାନଙ୍କୁ ଗର୍ଭାଶୟ ମୁଖ କର୍କଟ ରୁ ରକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର 'ଏଚପିଭି' ଟୀକାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ପର୍ବତାରୋହୀ ତଥା ସାହସିକ ଅଭିଯାତ୍ରୀ ସମୀରା ଖାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଶୋରୀମାନଙ୍କ ପାଇଁ ଏଚପିଭି ଟୀକାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସମୀରା ଖାନ କହିଥିଲେ ଯେ, 'ଝିଅ ଓ ମା'ମାନେ ହେଉଛନ୍ତି ପରିବାରର ଆଧାର। ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ସବୁଠାରୁ ପ୍ରଥମ। ପ୍ରତିଟି ଝିଅ ନିଜକୁ ଚିହ୍ନିବା ସହ ନିଜ ଶରୀର ଓ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଉଚିତ।' ସେ ପର୍ବତାରୋହଣର ଉଦାହରଣ ଦେଇ କହିଥିଲେ ଯେ ଯେମିତି ଶିଖରରେ ପହଚିଂବା ପାଇଁ ଶାରୀରିକ ସୁସ୍ଥତା ଦରକାର, ସେମିତି ଜୀବନର ସଫଳତା ପାଇଁ କର୍କଟ ଭଳି ରୋଗରୁ ଦୂରେଇ ରହିବା ଆବଶ୍ୟକ। ଏହି ଅଭିଯାନର ମୁଖ୍ୟ ବାର୍ତ୍ତା ଥିଲା 'ମାତ୍ର ଗୋଟିଏ ଡୋଜ୍ ଏଚପିଭି ଟୀକା ଆପଣଙ୍କ ଝିଅକୁ ଗର୍ଭାଶୟ ମୁଖ କର୍କଟରୁ ସୁରକ୍ଷିତ ରଖିପାରିବ। ୯ ରୁ ୧୪ ବର୍ଷ ବୟସର ସମସ୍ତ ବାଳିକାଙ୍କ ପାଇଁ ଏହି ଟୀକାକରଣ ଅତ୍ୟନ୍ତ ଜରୁରୀ। ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟୀକା ସମ୍ପୂର୍ଣ୍ଣ ବିନାମୂଲ୍ୟରେ ଉପଲବ୍ଧ। ଏଥିପାଇଁ ୟୁ-ଉଇନ୍ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଅନୁରୋଧ କରାଯାଇଛି।ଏହି କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଓ କେନ୍ଦୁଝରର ସରକାରୀ ଏ.ଏନ୍.ଏମ୍./ଏଚ୍.ଡବ୍ଲ୍ୟୁ.(ଏଫ୍) ନର୍ସିଂ ତାଲିମ ଅନୁଷ୍ଠାନ ଛାତ୍ରୀମାନେ ସାମିଲ ହୋଇ ଟୀକାକରଣର ସୁଫଳ ବିଷୟରେ ଜନସାଧାରଣଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ. ଲକ୍ଷ୍ମୀକାନ୍ତ ମହାନ୍ତ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଆଶା କର୍ମୀ, ଏଏନଏମ୍, ଏବଂ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି ଟୀକାକରଣ ଅଭିଯାନକୁ ସଫଳ କରିବା ପାଇଁ ଶପଥ ନେଇଥିଲେ।

ଜ଼ିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର,୧୮/୩(ନି/ପ୍ର): କେନ୍ଦୁଝର ଜ଼ିଲ୍ଲା ଯୁବ କଂଗ୍ରେସ କମିଟିର ଜ଼ିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଜ଼ିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ଅଧକ୍ଷତାରେ କେନ୍ଦୁଝର, ଆନନ୍ଦପୁର, ଘସିପୁରା, ପାଟଣା, ଚମ୍ପୁଆ ଓ ତେଲକୋଇ ନିର୍ବାଚନମଣ୍ଡଳୀସ୍ତରୀୟ ଯୁବ କଂଗ୍ରେସ ସଭାପତି ଏବଂ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବୈଠକ ରେ ୬ ଗୋଟି ଦାବୀ ଉପସ୍ଥାପନ କରାଗଲା ଏବଂ ଉକ୍ତ ଦାବି କୁ ନେଇ ଯୁବ କଂଗ୍ରେସ ରାଜରାସ୍ତାରେ ବିଧାନସଭା ସ୍ତରୀୟ ଆନ୍ଦୋଳନ କରିବ ବୋଲି ନିଷ୍ପତି ନିଆଗଲା। ଦାବି ଗୁଡ଼ିକ ଯଥା ୧ . ବେକାରୀ ସମସ୍ୟାର ସମାଧାନ ୨ . କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଂଟ ସ୍ଥାପନ ୩ ବିଜୁଳି ଉପୋଭୋକ୍ତା ମାନକୁ ଟାଟା କମ୍ପାନୀ ର ମନମୁଖୀ କାର୍ଯ୍ୟ କୁ ବିରୋଧ ୪ . କୃଷି ଋଣ ଛାଡ ତଥା କୃଷକ ଭାଇ ମାନଙ୍କୁ ପ୍ରୋତ୍ସାହନ ଓ ସମ୍ପୂର୍ଣ୍ଣ ସହଯୋଗ ୫ . ସ୍ଲୋରିପାଇପ ଲାଇନ୍ କୁ ବିରୋଧ ୬ .କେନ୍ଦୁଝରରୁ ଗୋରୁ ଚାଲାଣ ଏବଂ ବାଲି ଚୋରୀ କୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବୀ ରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ଜ଼ିଲ୍ଲା କଂଗ୍ରେସ ନେତୃତ୍ୱ ଯୋଗ ଦେବେ ବୋଲି ସଭାପତି ଶ୍ରୀ ଧୀର ପ୍ରକାଶ କରିଛନ୍ତି। ଏହି ଜିଲ୍ଲା କାର୍ଯ୍ୟକ୍ରମ ରେ କଂଗ୍ରେସ ଉପସଭାପତି ତଥା ସାଂସଦ ପାର୍ଥି ଶ୍ରୀଯୁକ୍ତ ବିନୋଦ ବିହାରୀ ନାଏକ ,କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ତେଲକୋଇ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ର, ଚମ୍ପୁଆ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଜଗନ ଗିରିପ୍ରିୟା ସାହୁ, ଘସିପୁରା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦୀପକ କୁମାର ମାଝୀ, ପାଟଣା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପରମେଶ୍ୱର ନାଏକ ଓ ବରିଷ୍ଠ ଯୁବ ନେତା ରାଜୁ ଖାନ୍ ପ୍ରମୁଖ ମଚାଂସୀନ ଥିଲେ । ଜ଼ିଲ୍ଲା ଯୁବ କଂଗ୍ରେସ ନେତା ସନତ ପାଢ଼ୀ, ଆନନ୍ଦ ମାଝୀ, ବାବୁନ ରାଉତ, ମାନସ ବେହେରା, ବ୍ୟାସଦେବ ବେହେରା, ସଂଗ୍ରାମ ବେହେରା, ଅମିତ କୁମାର ରାଉତ, ଅଭିନାଶ ଓଝା, ଆଶିଷ ପାତ୍ର, ନିହାର କର, ବାଦଲ ବେହେରା ପ୍ରମୁଖ ଉପସ୍ଥିତ ରହି ମଚଂ ପରିଚାଳନା କରିଥିଲେ ।

ଚମ୍ପୁଆ ବ୍ଲକ ମନରେଗା କାର୍ଯ୍ୟରେ ଅନିୟମିତତା ଅଭିଯୋଗ : ଫଳକ ଅଛି, ସୂଚନା ନାହିଁ

ଚମ୍ପୁଆ, ୧୮/୩(ନି/ପ୍ର): ସଂପ୍ରତି କେନ୍ଦ୍ର ସରକାର ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ମନରେଗା କାର୍ଯ୍ୟକୁ ପ୍ରାଧାନ୍ୟତା ଦେବା ସହିତ ପ୍ରତି ଗ୍ରାମରେ ରହିଥିବା ଜବ କାର୍ଡ ଧାରୀ ଶ୍ରମିକ ମାନଙ୍କୁ ନିଜ ପଂଚାୟତ ମଧ୍ୟରେ ୧୨୫ ଦିନର ଗ୍ରାମୀଣ ରୋଜଗାରର ନୂଆ ଗ୍ୟାରେଂଟି ଦେଉଥିବା ବେଳେ ମନରେଗା କାର୍ଯ୍ୟ ଗୁଡ଼ିକୁ ତଦାରଖ କରୁଥିବା ଅଧିକାରୀ ମାନଙ୍କୁ ଅଳ୍ପ କାମ କରି ଅଧିକ ବିଲ ମଞ୍ଜୁର କରି ମାଲେ ମାଲ ହେବାର ନିଶା ଘାରି ଥିବାରୁ ଦିନକୁ ଦିନ ମନରେଗା ଯୋଜନା ଗୁଡିକରେ ସଠିକ ଭାବରେ କାମ ହେଉ ନଥିବା ଦେଖିବାକୁ ମିଳିଛି। ଚମ୍ପୁଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଂଚାୟତରେ ମନରେଗା ଯୋଜନାରେ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ଚମ୍ପୁଆ ପଂଚାୟତ ସମିତି ଉନ୍ନୟନ ସଂସ୍ଥାର ଅଧିକାରୀ ମାନେ ମନରେଗା କାର୍ଯ୍ୟକୁ ଠିକ ଭାବରେ ପରିଚାଳନା କରୁ ନଥିବାରୁ ବ୍ୟାପକ ଦୁର୍ନୀତି ହେଉଥିବା ଦେଖିବାକୁ ମିଳିଛି। ବର୍ତମାନ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଚମ୍ପୁଆ ପଂଚାୟତ ସମିତି ତରଫରୁ ପର୍ଶଳା ପଂଚାୟତ ଅନ୍ତର୍ଗତ ଗୋପୀନାଥ ପୁର ସ୍କୁଲ ଠାରୁ ଅରଡେଇ ନଦୀ ପର୍ଯ୍ୟନ୍ତ ଏକ କେନାଲ ଗାତ ଖୋଳା ଯାଇଛି। ଯାହାର କାର ?ୟାଦେଶ ଖୋଦ ଗ୍ରାମପଂଚାୟତ ପର୍ଶଳା ନାମରେ ରହିଥିବା ବେଳେ ଏହି କାର୍ଯ୍ୟ ପାଇଁ ନିର୍ମାଣ କରାଯାଇଥିବା ସୂଚନା ଫଳକକୁ ଦେଖିଲେ କାର୍ଯ୍ୟରେ ହୋଇଥିବା ଅନିୟମିତତାର ଗନ୍ଧ ବେଶ ବାରି ହୋଇ ପଡୁଛି। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ନିର୍ମାଣ କରିବା ପାଇଁ ସରକାରଙ୍କ କଡା ନିୟମ ରହିଛି କିନ୍ତୁ କାମ ସ୍ଥାନରେ ସୂଚନା ଫଳକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୁହେଁ କେବଳ ଫୋଟ ଉଠାଇ ବିଲ ପାଶ ପାଇଁ ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି । ଜନସାଧାରଣ କାର୍ଯ୍ୟ ସ୍ଥାନକୁ ଯାଇ ତଥ୍ୟ ଜାଣିବାକୁ ଚାହିଁଲା ବେଳକୁ ସୂଚନା ଫଳକରେ ଅବଗତି ନିମନ୍ତେ ନା ଅଛି ଅଟକଳ ମୂଲ୍ୟ, ନା ଅଛି ଆର୍ଥିକ ବର୍ଷ। କାର୍ଯ୍ୟାରମ୍ଭ କି କାର୍ଯ୍ୟଶେଷ କୌଣସି ସୂଚନା ଲେଖା ଯାଇ ନ ଥିବା ଦେଖିବାକୁ ମିଳିଛି। ଯାହା ଚମ୍ପୁଆ ବ୍ଲକ ତରଫରୁ ହେଉଥିବା ମନରେଗା କାମ ଗୁଡିକର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସମ୍ପୂର୍ଣ୍ଣ ସୂଚନା ଲେଖିବା ପାଇଁ କଡା ନିୟମ ରହିଥିଲେ ସୁଦ୍ଧା ଏଠାରେ ସରକାରୀ ନିୟମକୁ ଅଧିକାରୀ ମାନେ ଖୋଲାଖୋଲି ଉଲଂଘନ କରି ପକେଟ ଗରମ କରୁଥିବା କୁହାଯାଉଛି। କାମ କରିବା ପାଇଁ ୫୦ ଶ୍ରମିକଙ୍କ ମାଷ୍ଟର ରୋଲ ବାହାରୁଛି ସତ କିନ୍ତୁ କାମ କରୁଛନ୍ତି ୨୦, ବାକି ୩୦ ଶ୍ରମିକ କାର୍ଯ୍ୟ ସ୍ଥଳକୁ ନ ଆସି ଘରେ ବସି ମଜୁରୀ ନେଉଛନ୍ତି। ଏହା ହେଉଛି ଚମ୍ପୁଆ ବ୍ଲକ ମନରେଗା କାର୍ଯ୍ୟର ସ୍ୱଚ୍ଛତା। ମନରେଗା କାର୍ଯ୍ୟ ସ୍ଥଳରେ ତିଆରି ହେଉଥିବା ସୂଚନା ଫଳକ ଗୁଡିକରେ କାହିଁକି ସମ୍ପୂର୍ଣ୍ଣ ସୂଚନା ଲେଖା ଯାଉ ନାହିଁ ବୋଲି ପଂଚାୟତ ଦାୟିତ୍ୱରେ ଥିବା ଜେଇଙ୍କୁ ପଚାରିବାରୁ ସେ କଥାକୁ ବାଁରେଇ ଯିବା ସହିତ ନ ଲେଖି ଭୁଲ କରିଛନ୍ତି ବୋଲି କହିଥିଲେ। ମନରେଗା କାର୍ଯ୍ୟରେ ହେଉଥିବା ଅନିୟମିତତା କାଳେ ପଦାରେ ପଡିଯିବ ସେହି ଭୟ ଅଧୀକାରୀଙ୍କୁ ଘାରିଛି। ଏଣୁ ସୂଚନା ଫଳକରେ କୌଣସି ସୂଚନା ନ ଲେଖି ନିଜ ନିଜ ପକେଟ ଗରମ କରିବା ପାଇଁ ଅଧିକାରୀ ମାନଙ୍କ ଗୁପ୍ତ ପରାମର୍ଶ ହେଉଥିବା କଥା ଆଜି ଜନସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଚମ୍ପୁଆ ବ୍ଲକ ତରଫରୁ ହେଉଥିବା ମନରେଗା କାର୍ଯ୍ୟ ଗୁଡ଼ିକୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ସ୍ୱତନ୍ତ୍ର ଭାବରେ ତଦନ୍ତ କରି ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

ମା ବୁଢୀ ଜାଗୁଳାଇଙ୍କ ବାର୍ଷିକ ଉତ୍ସବ

ଭଦ୍ରକ,୧୮/୩(ନି/ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନେରଡା ପଂଚାୟତର ଯଶୋଟିକିରି ଗ୍ରାମର ଅଧିଷ୍ଠାତ୍ରୀ ଗ୍ରାମ ଦେବତୀ ମା' ବୁଢୀ ଜାଗୁଳାଇଙ୍କ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ପ୍ରସାଦ ସେବନ କାର୍ଯ୍ୟକ୍ରମ ଭକ୍ତିଭାବ ଓ ଆନନ୍ଦମୟ ପରିବେଶରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଏହି ପବିତ୍ର ଅବସରରେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

ଆନନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ବନ୍ତଳା ବଜାର ପୋଡି ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଅନୁଗୋଳ,୧୮ ।୩ (ନି/ପ୍ର): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ୧୨ତାରିଖ ଦିନ ଅପରାହ୍ନରେ ବନ୍ତଳା ବଜାରରେ ହୋଇଥିବା ଭୟାବହ ଅଗ୍ନି କାଣ୍ଡକୁ ନେଇ ଜିଲ୍ଲାପାଳଙ୍କୁ ଅବଗତ କରିବା ସହ ବିହିତ ପଦକ୍ଷେପ ନେବାପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରିତିମୟ ଉକ୍ତ ସ୍ମାରକପତ୍ର ଗ୍ରହଣ କରିଥିଲେ। ବନ୍ତଳା ବଜାରରେ ବହୁତ ଗୁଡିଏ ଦୋକାନ ଜଳି ଯାଇଥିବା ବେଳେ ବହୁ ସମ୍ପତ୍ତି ମଧ୍ୟ ପୋଡି ପାଉଁଶ ହୋଇଯାଇଥିବା ବେଳେ ପ୍ରଶାସନିକ ବହୁ ଅବ୍ୟବସ୍ଥା ଦେଖାଯାଇଥିଲା, ଯାହାକି ନିଆଁକୁ ଆୟତ କରିବାରେ ବିଳମ୍ବ ହୋଇଥିଲା ବୋଲି ସାଧାରଣରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ବନ୍ତଳା ଅଚଂଳରେ ବାରମ୍ବାର ନିଆଁ ହେଉଥିବା ନେଇ ଅଚଂଳବାସୀଙ୍କ ପକ୍ଷରୁ ଏକ ନିଆଁଲିଭା କେନ୍ଦ୍ର ସ୍ଥାପନ ପାଇଁ ଦାବି ହୋଇ ଆସୁଥିଲା ଓ ଅଚଂଳବାସୀଙ୍କ ଦାବିକୁ ସମ୍ମାନ ଦେଇ ସରକାର ଦମକଳ କେନ୍ଦ୍ର ସ୍ଥାପନ କରିଥିଲେ ମଧ୍ୟ ଅଚଂଳ ବାସୀଙ୍କ ଇଚ୍ଛାକୁ ଉକ୍ତ ଦମକଳ କେନ୍ଦ୍ର ପୂରଣ କରି ପାରିଲାନାହିଁ। ବଜାରର ଅତି ନିକଟରେ ଦମକଳ କେନ୍ଦ୍ର ଥାଇ ପ୍ରାୟ୪୫ ମିନିଟ ପରେ ଆସିବା ବେଳକୁ ନିଆଁ ଉଗ୍ର ରୂପ ଧାରଣ କରି ସାରିଥିଲା, ଫଳରେ ନିଆଁକୁ ଆୟତ କରିବା ସମ୍ଭବ ହୋଇ ପାରିଲା ନାହିଁ ଓ ପରେ ଅନୁଗୋଳ ଓ ଜିନ୍ଦଲର ସହଯୋଗ ନେବାକୁ ପଡିଲା ଓ ବହୁ ବିଳମ୍ବରେ ନିଆଁକୁ ଆୟତ କରାଗଲା। ନିଆଁଲିଭା ପାଇଁ ଯେତିକି ତତ୍ପର ନେତାମାନେ ନ ଥିଲେ ତାଠାରୁ ଅଧିକ ରାଜନୀତି କରିବାକୁ କ୍ଷେତ୍ର ତିଆରିରେ ବ୍ୟସ୍ତ ଥିଲେ। ଫଳରେ ନିରୀହ ଦୋକାନୀ ନାହିଁ ନ ଥିବା କ୍ଷତି ସହିଲେ। ଦମକଳ କେନ୍ଦ୍ର ପକ୍ଷରୁ ଆବଶ୍ୟକିୟ ବ୍ୟବସ୍ଥା ମଧ୍ୟରେ ନ ଥିବା ଦେଖାଯାଇଥିଲା। ଯେତିକି ଟାଙ୍କିରେ ଜଳ ରହିବା କଥା ଉକ୍ତ ଗଡିରେ ସେତିକି ଜଳ ନ ଥିଲା, ଫଳରେ ନିଆଁଲିଭା କାର୍ଯ୍ୟ ବ୍ୟାହତ ହୋଇଥିଲା। ଦମକଳ କେନ୍ଦ୍ରର ଆଦୌ ଏତେବଡ ଭୟାନକ ଅଗ୍ନିକାଣ୍ଡ ଘଟିବ କଳ୍ପନା ବାହାରେ ଥିଲା,ଏଣୁ ଦୋକାନୀ ମାନଙ୍କର ଧନହାନୀ ହେଲା। ସରକାରଙ୍କ ପକ୍ଷରୁ ଯଥାଶୀଘ୍ର କ୍ଷୟକ୍ଷତି ଆକଳନ କରି ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ କରିବାକୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଆଜିର ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଗୋପାଳ ଚନ୍ଦ୍ର ନାଥ, ରାଜକିଶୋର ସାହୁ, ବଲବୀର ସିଂହ, ବ୍ଲକ କଂଗ୍ରେସ ସଭାପତି ରାକେଶ ମିଶ୍ର, ବିନୋଦ ମାଝୀ, ଧର୍ମେନ୍ଦ୍ର ନାଥ ମିଶ୍ର, ସୁଦୀପ ମିଶ୍ର, ସଞ୍ଜୀବ ମାଣ୍ଡୋଠିଆ, ପ୍ରଦ୍ୟୁମ୍ନ ସାହୁ, ରଶ୍ମିରଞ୍ଜନ ସାହୁ, ବାସୁଦେବ ସାମଲ, ଅଳକାରାଣୀ ମହାପାତ୍ର, ଲିଲି ବେହେରା, ସଂଗ୍ରାମ ବେହେରା, ଅଲେଖ ବେହେରା, ଅରୁପ ସାମଲ , ଦୁଷ୍ମନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡା,୧୮/୩(ନି/ପ୍ର): ପଟ୍ଟାମୁଣ୍ଡାଇ ପଂଚାୟତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ଅଭିଯୋଗ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଆଜିର ଶିବିରରେ ମୋଟ ୧୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ୧୦୨ଟି ବ୍ୟକ୍ତିଗତ ଏବଂ ୨୪ଟି ସାମୁହିକ ଅଭିଯୋଗ ରହିଥିଲା।

ପ୍ରବାସୀ ଶ୍ରମିକ ସଚେତନତା ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା,୧୮/୩(ନି/ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର କେନ୍ଦୁପାଟି ଗ୍ରାମ ପଂଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଗ୍ରାମ ପଂଚାୟତ ସ୍ତରୀୟ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସି ଡି ଏମ୍ ଓ ଡଃ. ଧନେଶ୍ୱର ସେଠୀ, ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ସ୍ଥାନୀୟ ସରପଂଚ ଚନ୍ଦ୍ର ଷଣ୍ଢ ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ । ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ପ୍ରଥମେ ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ନବଜାତକ ଶିଶୁକନ୍ୟା ପୂଜା ପୋଡକୁ କୋଳରେ ଧରି ତାହାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ତିନି ଜଣ ଗର୍ଭବତୀ ମହିଳାଙ୍କୁ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇ ପ୍ରବାସୀ ଶ୍ରମିକ ନିରାକରଣ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି କରା ଯାଇଥିଲା। ସ୍କୁଲ ପିଲା ମାନଙ୍କ ଦ୍ୱାରା ନୃତ୍ୟ ପରିବେଶଣ କରାଯାଇ ଜନସଚେତନତା ସୃଷ୍ଟି କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ସମସ୍ତଙ୍କୁ ଉଦବୋଧନ ଦେଇ କହିଲେ ଯେ, ସରକାରଙ୍କ ପକ୍ଷରୁ ବହୁତ ଜନ ମଙ୍ଗଳକାରୀ ତଥା କର୍ମ ନିଯୁକ୍ତି ଯୋଜନା ଜିଲ୍ଲାରେ ଉପଲବ୍ଧ ଅଛି। ସେ ଗ୍ରାମବାସୀଙ୍କୁ ପ୍ରବାସୀ ଶ୍ରମିକ ଭାବରେ ନଯାଇ ଘରେ ରହି ଏହାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ସେ ଛୋଟ ପିଲାଙ୍କୁ ଶିଶୁ ଶ୍ରମିକ ଭାବେ ନିୟୋଜିତ ନକରି ସ୍କୁଲ୍ ପଠେଇବା ପାଇଁ ବାପା ମା ମାନଙ୍କୁ କହିଥିଲେ। ସେହିପରି ଗାଁ କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ, ତିନି ଜଣ ହିତାଧିକାରୀ ଶ୍ରମିକଙ୍କୁ ମନରେଗା ଯୋଜନାରେ ୧୦୦ ରୁ ଅଧିକ ଦିନ କାମ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦୁଇ ପରିବାରକୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଚମରୁ ବଛା, ଗୋଲାପୀ ବାଗ, ବିଶ୍ୱନାଥ ନାଗ, କୌଶଲ୍ୟା କନ୍ଦ, ଦୂର୍ଯ୍ୟଧନ ଓ ଦେବକୀ ହରିଜନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ବିବାହ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି, ଗୟା ଶବର ଓ ଦୂର୍ଯ୍ୟଧନଙ୍କୁ ଶିକ୍ଷା ସହାୟତା ପ୍ରଦାନ କରାଯାଇଥିଲା। ଦୁଇ ଜଣ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ, ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ବାସ, ଖାଦ୍ୟ, ଜଳ ଯୋଗାଇ ଦେଇଥିଲେ କ୍ଷ ଏହି ଶିବିରକୁ ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ ଗୀତା, ସ୍ଥାନୀୟ ସରପଂଚ, ପଂଚାୟତିରାଜ ବିଭାଗ, ଜଙ୍ଗଲ ବିଭାଗ ପ୍ରମୁଖ ମିଳିତ ଭାବରେ ଆୟୋଜନ କରିଥିଲେ। ଏହି ଅବସରରେ, ଜିଲ୍ଲାପାଳ ଓ ଅଧିକାରୀମାନେ ପ୍ରବାସୀ ଶ୍ରମିକ ନିରାକାର ପୋଢ଼ଙ୍କ ଘରକୁ ପରିଦର୍ଶନ କରି ତାଙ୍କ ପରିବାର ସହ ଆଲୋଚନା କରିଥିଲେ। ପୋଢ଼ ହାଇଦ୍ରାବାଦରେ ଇଟା ଭାଟିରେ ଶ୍ରମିକ ଭାବେ କାମ କରୁଥିଲେ। କିନ୍ତୁ, ଏବେ ସେ ଘରେ ରହି ମନରେଗା ଯୋଜନାରେ କାମ କରୁଛନ୍ତି। ପୋଢଙ୍କ ପୁଅ ଗୋଟେ ଦୁର୍ଘଟଣାରେ ୩୦ ଶତକଡ଼ା ବିକଳାଙ୍ଗ ହୋଇ ଯାଇଛନ୍ତି। ତାଙ୍କୁ ଗୋଟେ ଗ୍ରୋସରୀ ଦୋକାନ ଖୋଲିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ବୁଝାଇବା ସହ ଏହାର ଲାଭ ନେବା ପାଇଁ ମଧ୍ୟ ଜିଲ୍ଲାପାଳ ତାଙ୍କୁ ପରାମର୍ଶ ଦେଇଥିଲେ।

ଟିଟିଲାଗଡ଼ରେ ନୂତନ ସୈନିକ ସ୍କୁଲ୍ ସ୍ଥାପନ ପାଇଁ ରାଜ୍ୟସଭାରେ ଦାବି ଉଠାଇଲେ ସାଂସଦ ନିରଞ୍ଜନ ବିଶି

ବଲାଙ୍ଗିର,୧୮/୩(ନି/ପ୍ର): ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ରେ ଏକ ନୂତନ ସୈନିକ ସ୍କୁଲ୍ ସ୍ଥାପନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଲୋକହିତ ମୁଦ୍ଦା ଉଠାଇଛନ୍ତି। ସାଂସଦ ଶ୍ରୀ ବିଶି କହିଥିଲେ ଯେ, ବଲାଙ୍ଗୀର ଜିଲ୍ଲାରେ ଏକ ନୂତନ ସୈନିକ ସ୍କୁଲ୍ ସ୍ଥାପନ ଅତ୍ୟନ୍ତ ଆବଶ୍ୟକ। ବର୍ତମାନ ଭାରତରେ କେବଳ ୩୩ଟି ସୈନିକ ସ୍କୁଲ୍ ଓ ଓଡ଼ିଶାରେ କେବଳ ଭୁବନେଶ୍ୱର ଓ ସମ୍ବଲପୁରରେ ଦୁଇଟି ସୈନିକ ସ୍କୁଲ୍ ଚାଲିଛି । ସାଂସଦ ଶ୍ରୀ ବିଶି କହିଥିଲେ ଯେ, କେନ୍ଦ୍ର ସରକାର ଦେଶରେ ଅତିରିକ୍ତ ୧୦୦ଟି ସୈନିକ ସ୍କୁଲ୍ ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ସୈନିକ ସ୍କୁଲଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଗତ, ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ କରି ନ୍ୟାସନାଲ ଡିଫେନ୍ସ ଏକାଡେମୀ, ଇଣ୍ଡିଆନ ନେଭାଲ ଏକାଡେମୀ ସହିତ ଅନ୍ୟାନ୍ୟ ସୁରକ୍ଷା ପ୍ରଶିକ୍ଷଣ ସଂସ୍ଥାନରେ ପ୍ରବେଶ ପାଇଁ ସକ୍ଷମ କରିବା। ସାଂସଦ ଶ୍ରୀ ବିଶି ସରକାରଙ୍କୁ ଅବଗତ କରାଇଥିଲେ ଯେ, ଗୃହମନ୍ତ୍ରଣାଳୟ ୧୧ ଡିସେମ୍ବର ୨୦୧୫ରେ ଓଡ଼ିଶାର ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ବଲାଙ୍ଗିର ଜ଼ିଲ୍ଲା ସହିତ ୧୮ଟି ମାଓ ପ୍ରଭାବିତ ଜିଲ୍ଲାରେ ନୂତନ ସୈନିକ ସ୍କୁଲ୍ ଖୋଲିବାକୁ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ । ପରବର୍ତୀ କାଳରେ ଓଡ଼ିଶା ସରକାରଙ୍କ ଶିକ୍ଷା ଏବଂ ଗଣ ଶିକ୍ଷା ବିଭାଗ ୫ ଜାନୁଆରୀ ୨୦୧୬ରେ ବଲାଙ୍ଗୀର ସହିତ କଳାହାଣ୍ଡି, ନୂଆପଡ଼ା, କୋରାପୁଟ, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା, କେନ୍ଦୁଝର, ସୁନ୍ଦରଗଡ଼, ବରଗଡ,ଦେବଗଡ଼,ଫୁଲବାଣୀ ଜିଲ୍ଲାପାଳ ମାନଙ୍କୁ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ବିବିଧା

ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ମୟୋନିଜ୍

ମେୟୋନିଜରେ ପ୍ରଚୁର ପରିମାଣରେ ଓମେଗା-୬ ଫ୍ୟାଟି ଏସିଡ୍ ଥାଏ । ଯାହାକୁ ଅତ୍ୟଧିକ ସେବନ କରିବା ଦ୍ୱାରା ଉଚ୍ଚ ରକ୍ତଚାପ ହୋଇପାରେ । ହୃଦଘାତ ଏବଂ ଷ୍ଟ୍ରୋକର ଆଶଙ୍କା ମଧ୍ୟ ବଢ଼ାଇପାରେ ମେୟୋନିଜ୍। ଆପଣ ଯଦି ଓଜନ ହ୍ରାସ କରିବାର ଇଚ୍ଛା ନେଇ ଜିମ୍ ଯାଉଛନ୍ତି , ଜିମରେ ଘଣ୍ଟା ଘଣ୍ଟା ଧରି ବ୍ୟାୟାମ କରୁଛନ୍ତି କିନ୍ତୁ ସନ୍ଧ୍ୟା ହେଲେ ପୁଣି ଫାଷ୍ଟଫୁଡ୍ ସହ ମେୟୋନିଜ୍ ଖାଉଛନ୍ତି ତେବେ ଆପଣଙ୍କ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯିବ । କାରଣ ଏଥିରେ ଅତ୍ୟଧିକ କ୍ୟାଲୋରି ଥାଏ । ତେଣୁ ପ୍ରତିଦିନ ଏହି ଧଳା ରଙ୍ଗର ଚଟଣି ଖାଇବା ଦ୍ୱାରା ଦ୍ରୁତ ଗତିରେ ଓଜନ ବୃଦ୍ଧି ପାଏ । ମେୟୋନିଜ ଖାଇବାକୁ ଯେତେ ଟେଷ୍ଟି ଲାଗେ ଏଥିରେ ଅନେକ ସ୍ୱାସ୍ଥ୍ୟଗତ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଦେଖାଯାଏ । ଅତ୍ୟଧିକ ମେୟୋନିଜ ଖାଇଲେ ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ , ଯାହା ମଧୁମେହ ରୋଗ ବଢ଼ାଇବାର କାମ କରେ । ଏହାକୁ ପ୍ରିଜରଭେଟିଭ୍ ଏବଂ କୃତ୍ରିମ ଉପାଦାନ ସହିତ ପ୍ରସ୍ତୁତ କରାଯାଇଥାଏ । ଏଥିରେ ଥିବା ଗଣ୍ଡଏ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଯାହାଦ୍ୱାରା ମୁଣ୍ଡବିନ୍ଧା , ଦୁର୍ବଳ ଲାଗିବା ଏବଂ ବାନ୍ତି କରାଇବା ଭଳି ସମସ୍ୟା ସୃଷ୍ଟି ହୁଏ । ଅତ୍ୟଧିକ ପରିମାଣରେ ମେୟୋନିଜ ଖାଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କ ହୃଦସ୍ପନ୍ଦନ ବଢ଼ିବାର ଆଶଙ୍କା ବୃଦ୍ଧି ପାଇଥାଏ । ଗୋଟିଏ ଚାମଚ ମେୟୋନିଜରେ ପ୍ରାୟ ୧.୬ ଗ୍ରାମ ଚର୍ବି ଥାଏ । ତେଣୁ ଏହା ଅଧିକ ଖାଇବା ଦ୍ୱାରା କୋଲେଷ୍ଟ୍ରଲ୍ ବୃଦ୍ଧି ପାଇଥାଏ । କହିବାକୁ ଗଲେ ଦେହରେ ଅନେକ ରୋଗକୁ ଜନ୍ମଦିଏ ମେୟୋନିଜ । ତେଣୁ ସ୍ୱାସ୍ଥ୍ୟ ହିଁ ସମ୍ପଦ ଆପଣ ଯଦି ସୁସ୍ଥ ରହିବାକୁ ଚାହାନ୍ତି ତେବେ ମେୟୋନିଜ ଖାଇବାରୁ ନିବୃତ୍ତ ରୁହନ୍ତୁ ।

ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଟିକୁ କାବୁ କରିଛି ଫାଷ୍ଟଫୁଡ୍ । ପୂର୍ବରୁ ସକାଳ ଜଳଖିଆରେ ଯେଉଁଠି ଉପମା,ରୁଟି ଏବଂ ଚୁଡ଼ା ଭଳି ଖାଦ୍ୟପଦାର୍ଥ ଲୋକ ଖାଉଥିଲେ ଆଜି ତାହା ସାଣ୍ଡୱିଚ୍ , ପାସ୍ତା ଆଉ ନୁଡଲ୍ସରେ ପରିଣତ ହୋଇଛି । ସମୟ ଅଭାବରୁ ହେଉ କିମ୍ବା ପାଟି ସୁଆଦକୁ ଆଖି ଆଗରେ ରଖି ସମସ୍ତେ ମଜାଦାୟକ ଫାଷ୍ଟଫୁଡ୍ ଖାଇବାକୁ ପସନ୍ଦ କରୁଛନ୍ତି । କିନ୍ତୁ ଏହାର ବିପଦ କେତେ ତାହା ବୋଧହୁଏ କେହି ଜାଣିପାରନ୍ତି ନାହିଁ । ତେବେ ଖାଲି ଫାଷ୍ଟଫୁଡ୍ ନୁହଁନ୍ତି ଏହାକୁ ଆହୁରି ସ୍ୱାଦିଷ୍ଟ କରିବା ପାଇଁ ବ୍ୟବହାର କରାଯାଉଥିବା ମେୟୋନିଜ୍ ଦେହ ପାଇଁ ଆହୁରି କ୍ଷତିକାରକ । ତେବେ ଆସନ୍ତୁ ଜାଣିବା ମୋମୋ, ବର୍ଗର୍, ପିଜା ସହିତ ଦିଆଯାଉଥିବା ଧଳା ରଙ୍ଗର ଚଟଣି ମେୟୋନିଜ୍ ସ୍ୱାସ୍ଥ୍ୟ ଉପରେ କେମିତି ପ୍ରଭାବ ପକାଏ ...

ଜଲଓ୍ବା ଦେଖାଇଲେ ପ୍ରିୟଙ୍କା ଚୋପ୍ରା

୯୮ତମ ଓସ୍କାର ପୁରସ୍କାର ଉତ୍ସବରେ ବଲିଉଡର ଜଲୱା ଦେଖାଇଛନ୍ତି 'ଦେଶୀ ଗାର୍ଲ' ପ୍ରିୟଙ୍କା ଚୋପ୍ରା। ଯଦିଓ ତାଙ୍କର କୌଣସି ଚଳଚ୍ଚିତ୍ର ପୁରସ୍କାର ଜିତି ନ ଥିଲା କିନ୍ତୁ ତାଙ୍କ ଷ୍ଟାଇଲ୍ ସମସ୍ତଙ୍କ ହୃଦୟ ଜିତିଥିଲା। ସେ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ଓସ୍କାର ଭଳି ଏକ ବିଶ୍ୱସ୍ତରୀୟ ସମାରୋହରେ ପୁରସ୍କାର ପ୍ରଦାନ କରିବାର ଗୌରବ ପାଇଥିଲେ। ଅଭିନେତା ଜାଭିୟର ବାର୍ଡେମଙ୍କ ସହିତ ମିଶି ସିଏ 'ସେଣ୍ଟିମେଣ୍ଟାଲ ଭାଲ୍ୟୁ' ପାଇଁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ଓସ୍କାର ପାଇଁ, ଅଭିନେତ୍ରୀ ଡାୟୋର ଦ୍ୱାରା ଡିଜାଇନ କରାଯାଇଥିବା ଏକ ଚମତ୍କାର ହ୍ୱାଇଟ୍ ଅଫ-ଶୋଲ୍ଡର ଗାଉନ ପିନ୍ଧି ଦେଖାଯାଉଥିଲେ। ଗାଉନଟିକୁ ଆଧୁନିକ ସମ୍ବେଦନଶୀଳତା ସହିତ କ୍ଲାସିକ ହଲିଉଡ ଗ୍ଲାମରକୁ ମିଶ୍ରଣ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲା। ପ୍ରିୟଙ୍କାଙ୍କ ସାମଗ୍ରିକ ଲୁକ ଚମତ୍କାର ଥିଲା। ପିସିଙ୍କ ସ୍ୱାମୀ ନିକ ଜୋନାସ ଏକ କଳା ଏବଂ ଧଳା ସୁଟ୍‌ରେ ହ୍ୟାଣ୍ଡସମ୍ ଦେଖାଯାଉଥିଲେ। ୯୮ତମ ଓସ୍କାର ପୁରସ୍କାର ସମାରୋହ ହଲିଉଡ୍‌ର ଲସ ଆଞ୍ଜେଲସର ଡଲ୍ବି ଥିଏଟରରେ ଅନୁଷ୍ଠିତ ହୋଇଥିଲା।

ସବୁ ରେକର୍ଡ ଭାଙ୍ଗିଲା ରଣବୀରଙ୍କ 'ଧୁରନ୍ଧର-୨'

ଆଡଭାନ୍ସ ବୁକିଂ ୩୦ କୋଟି ପାର୍

ରଣବୀର ସିଂଙ୍କ 'ଧୁରନ୍ଧର: ଦି ରିଭେଞ୍ଜ' ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ଆଗରୁ ବକ୍ସ ଅଫିସରେକର୍ଡ ଭାଙ୍ଗିବାର ଧାରା ଆରମ୍ଭ କରିସାରିଲାଣି। ମୁକ୍ତିଲାଭ କରିବା ପୂର୍ବ ଦିନର ପ୍ରିଭ୍ୟୁ ସୋ'ର ଟିକେଟ୍ ବିକ୍ରିରେ ଏହା 'ସ୍ତ୍ରୀ ୨' ଚଳଚ୍ଚିତ୍ରର ରେକର୍ଡ ଭାଙ୍ଗିଦେଇଛି। ପ୍ରିଭ୍ୟୁ ସୋ' ଦେଖିବା ପାଇଁ ଭାରତରେ ସାଢ଼େ ତିନି ଲକ୍ଷରୁ ଅଧିକ ଲୋକ ଆଗୁଆ ଟିକେଟ୍ କାଟିସାରିଲେଣି, ଯାହାର ବ୍ୟାବସାୟିକ ମୂଲ୍ୟ ୨୦ କୋଟି ଟଙ୍କା ଟପିଯାଇଛି। ଏହା ୩୫ କୋଟି ଟଙ୍କା ଛୁଇଁବ ବୋଲି ଆଶା କରାଯାଉଛି। ତେବେ 'ଧୁରନ୍ଧର ୨' ଯେଉଁ ରେକର୍ଡ ଭାଙ୍ଗିବା ନେଇ ସବୁଠାରୁ ଅଧିକ ଉତ୍କଣ୍ଠା ଦେଖାଦେଇଛି ତାହା ହେଲା ଶାହରୁଖ ଖାଁଙ୍କ 'ଜବାନ' ଚଳଚ୍ଚିତ୍ର ନାମରେ ଥିବା ୧୩୦ କୋଟି ଟଙ୍କାର ପ୍ରଥମ ଦିନର ସର୍ବୋଚ୍ଚ ବ୍ୟବସାୟ ରେକର୍ଡ। 'ଧୁରନ୍ଧର ୨'କୁ ନେଇ ଲୋକଙ୍କ ଉତ୍ସାହ ଏବଂ ବକ୍ସ ଅଫିସ ବିଶେଷଜ୍ଞଙ୍କ ପୂର୍ବାନୁମାନରୁ ସ୍ପଷ୍ଟ ଜଣାପଡ଼ିଲାଣି ଯେ ଶୁଭମୁକ୍ତି ଦିନ ଏହି ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୨୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବ। ଏହା ହେଲେ 'ଧୁରନ୍ଧର ୨' ହିନ୍ଦୀ ଚଳଚ୍ଚିତ୍ର ଇତିହାସରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୁରନ୍ଧର ୨' ଆସନ୍ତା ୧୯ ତାରିଖ ମୁକ୍ତିଲାଭ କରିବାକୁ ଯାଉଛି। ପ୍ରଥମ ଦିନରେ ଏହା କେବଳ ଭାରତରେ ଶତାଧିକ କୋଟି ଟଙ୍କାର ବ୍ୟାବସାୟ କରିବା ସୁନିଶ୍ଚିତ। ବିଦେଶରେ ମଧ୍ୟ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି।

ରିଲିଜ୍ ପୂର୍ବରୁ ବିବାଦରେ 'କେଡି ଦ ଡେଭିଲ'

ରିଲିଜ ପୂର୍ବରୁ ବିବାଦରେ ଛନ୍ଦି ହୋଇଛି 'କେଡି ଦ ଡେଭିଲ' । ସଞ୍ଜୟ ଦତ୍ତ ଓ ନୋରା ଫତେହିଙ୍କ ଅଭିନୀତ ନୂତନ କନ୍ନଡ ଫିଲ୍ମ ଆସନ୍ତା ମାସରେ ସିନେମା ହଲରେ ଆସିବାକୁ ଯାଉଛି । ଆଉ ଏହା ପୂର୍ବରୁ ଫିଲ୍ମର ନୂଆ ଆଇଟମ୍ ସଙ୍ଗ୍ 'ସର୍କେ ଚୁନର' ରିଲିଜ ହୋଇଥିଲା । ଯାହାକୁ ନେଇ ଏବେ ବିବାଦ ଦେଖିବାକୁ ମିଳିଛି। ଜାତୀୟ ମାନବାଧିକାର କମିଶନ ଅଶ୍ଳୀଳ ଏବଂ ସୂଚକ ଗୀତ ବ୍ୟବହାର ନେଇ ଏକ ନୋଟିସ ଜାରି କରିଛି । ଗୀତଟି ପୂର୍ବରୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ ହୋଇଛି । ଫଳରେ ଗୀତର ଲିରିକ୍ସ ଭିନ୍ନ ଅର୍ଥ ପ୍ରକାଶ କରୁଥିବା ବେଳେ ଏହାକୁ ନେଇ ନେଟିଜେନ୍ସ ମାନେ ନାପସନ୍ଦ କରିବା ସହ ସମାଲୋଚନା କରିଛନ୍ତି । ଏନେଇ ଆଇନଜୀବୀ ଏବଂ ସାମାଜିକ କର୍ମୀ ବିନୀତ ଜିନ୍ଦଲ ଦିଲ୍ଲୀ ପୁଲିସର ସାଇବର ସେଲରେ ଅଭିଯୋଗ ଦାଖଲ କରିବା ପରେ ଏହି ବିବାଦ ଆହୁରି ତୀବ୍ର ହୋଇଛି । ସେ ଗୀତ ସହିତ ଜଡିତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଦାବି କରିଥିଲେ । ଦାବି କରିଥିଲେ ଯେ ଟ୍ରାକରେ ଯୌନ ଉତ୍ତେଜକ ଏବଂ ଅଶ୍ଳୀଳ ଗୀତ ଅଛି, ଯାହା କୌଣସି ପରିସ୍ଥିତିରେ ସାଧାରଣ ବ୍ୟବହାର ପାଇଁ ଉପଯୁକ୍ତ ନୁହେଁ, ବିଶେଷକରି ସହଜରେ ପହଞ୍ଚିପାରୁଥିବା ଡିଜିଟାଲ୍ ପ୍ଲାଟଫର୍ମରେ ।ଗୀତଟିକୁ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ହଟାଇ ଦେବାକୁ ମଧ୍ୟ ଦାବି ହୋଇଛି। ଯୁକ୍ତି ବର୍ଣ୍ଣାଯାଇଛି ଯେ ଗୀତର ବିଷୟବସ୍ତୁ ଅଶ୍ଳୀଳତାକୁ ପ୍ରୋତ୍ସାହିତ କରେ, ଯାହା ଯୁବପିଢ଼ିଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ । କିଛି ଦିନ ପୂର୍ବରୁ ରିଲିଜ୍ ହୋଇଥିବା ଏହି ଟ୍ରାକ୍ ପୂର୍ବରୁ ସୋସିଆଲ ମିଡିଆରେ ଦର୍ଶକଙ୍କ ଦ୍ୱାରା ତୀବ୍ର ନକାରାତ୍ମକ ସମାଲୋଚନାର ସମ୍ମୁଖୀନ ହୋଇଛି । ଏହି ଫିଲ୍ମଟି ୧୯୭୦ ଦଶକର ବେଙ୍ଗାଲୁରୁରେ ଘଟିଥିବା ପ୍ରକୃତ ଘଟଣା ଉପରେ ଆଧାରିତ । ସଞ୍ଜୟ, ନୋରାଙ୍କ ବ୍ୟତୀତ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ, ଭି ରବିଚନ୍ଦ୍ରନ, ରମେଶ ଅରବିନ୍ଦ ଏବଂ ଧ୍ରୁଭ ସରଜା ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ ।

୧୬ ବର୍ଷ ପରେ ପୁଣି ଜମିବ କ୍ୟାଟ୍ରିନା-ରଣବୀରଙ୍କ କେମେଷ୍ଟ୍ରି

ସାଉଥ୍ ନୁହେଁ, ବଲିଉଡ୍ ମଧ୍ୟ ଆଗାମୀ କିଛି ଫିଲ୍ମ ପାଇଁ ଦ୍ରୁତ ଗତିରେ ପ୍ରସ୍ତୁତି କରୁଛି। ଏଥିରେ ନୂଆ ଫିଲ୍ମ ଏବଂ ସିକ୍ୱେଲ୍ ଉଭୟ ଅନ୍ତର୍ଭୁକ୍ତ। ଅନେକ କଲ୍ଟ ଏବଂ କ୍ଲାସିକ୍ ଫିଲ୍ମର ପାର୍ଟ-୨ ଅପେକ୍ଷାରେ ଅଛି। କିଛି ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି ଏବଂ ରିଲିଜ୍ ତାରିଖ ପ୍ରକାଶ କରାଯାଇଛି। ଯେତେବେଳେ ଅନ୍ୟ ଗୁଡ଼ିକ ପ୍ରି-ପ୍ରଡକ୍ସନରେ ଅଛନ୍ତି। ରଣବୀର କପୁର ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି। ଯାହାଙ୍କ ଚାରୋଟି ଫିଲ୍ମର ପାର୍ଟ-୨ ହେବ: 'ରାମାୟଣ-୨', 'ଆନିମଲ୍ ପାର୍କ', 'ବ୍ରହ୍ମାସ୍ତ୍ର-୨', ଏବଂ ଏବେ 'ରାଜନୀତି-୨'ର ପାଳି। ଶେଷରେ, ପ୍ରକାଶ ଝା ନିଜେ 'ରାଜନୀତି' ଫିଲ୍ମର ପାର୍ଟ ୨ ବିଷୟରେ ଏକ ବଡ଼ ଖୁଲାସା କରିଛନ୍ତି। ଏହି ଫିଲ୍ମର ସିକ୍ୱେଲ୍ ବହୁତ ଦିନ ଧରି ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ପ୍ରଶ୍ନ ଉଠୁଛି କି ରଣବୀର କପୁର ଏବଂ କ୍ୟାଟ୍ରିନା କୈଫ୍ ଏକାଠି ନଜର ଆସିବେ କି ? 'ରାଜନୀତି' ୨୦୧୦ରେ ରିଲିଜ୍ ହୋଇଥିଲା। ଯାହା ଏକ ରାଜନୈତିକ ଥ୍ରିଲର। ଏହାର କୋ-ରାଇଟର, ଡାଇରେକ୍ଟର, ପ୍ରଡ୍ୟୁସର ପ୍ରକାଶ ଝା ଥିଲେ। ରଣବୀର କପୁରଙ୍କ ବ୍ୟତୀତ, ଏହି ଚଳଚ୍ଚିତ୍ରରେ ନାନା ପାଟେକର, ଅଜୟ ଦେବଗନ, କ୍ୟାଟ୍ରିନା କୈଫ୍, ଅର୍ଜୁନ ରାମପାଲ, ମନୋଜ ବାଜପେୟୀ, ସାରା ଥମ୍ପସନ୍ ଏବଂ ନାସିରୁଦ୍ଦିନ ଶାହ ଅଭିନୟ କରିଥିଲେ। ଏହି ଚଳଚ୍ଚିତ୍ରଟି ବହୁ ବିବାଦର ସମ୍ମୁଖୀନ ହୋଇଥିଲା, କିନ୍ତୁ ଶେଷରେ ଏହା ସିନେମା ହଲରେ ମୁକ୍ତିଲାଭ କରିଥିଲା। ଅଭିନେତାଙ୍କ କାମକୁ ବହୁଳ ଭାବରେ ପ୍ରଶଂସା କରାଯାଇଥିଲା। ୪୫ କୋଟି ବଜେଟରେ ନିର୍ମିତ ଏହି ଚଳଚ୍ଚିତ୍ରଟି ୧୪୫.୫୦ କୋଟି ଆୟ କରିଥିଲା। ରିପୋର୍ଟରେ କୁହାଯାଇଛି ଯେ ଚଳଚ୍ଚିତ୍ର ନିର୍ମାତା ପ୍ରକାଶ ଝା ନିଶ୍ଚିତ କରିଛନ୍ତି ଯେ ସେ 'ରାଜନୀତି'ର ସିକ୍ୱେଲ୍ ଉପରେ କାମ କରୁଛନ୍ତି। ୨୦୧୦ର ଏହି ଥ୍ରିଲର ଫିଲ୍ମଟି ବର୍ତ୍ତମାନ କାମ ଚାଲିଛି। ସେ କହିଛନ୍ତି ଯେ ରଣବୀର କପୁର ଏବଂ କ୍ୟାଟ୍ରିନା କୈଫ୍ ଚଳଚ୍ଚିତ୍ରର ସିକ୍ୱେଲ୍ ପ୍ରି-ପ୍ରଡକ୍ସନରେ ଅଛନ୍ତି। ଯେଉଁଥିପାଇଁ ସେ ଆକ୍ଟିଭ୍ ହୋଇ ଖୁବ୍ କାମ କରୁଛନ୍ତି । ସାକ୍ଷାତକାର ସମୟରେ ତାଙ୍କୁ ରଣବୀର କପୁରଙ୍କ ବୟାନ ବିଷୟରେ ମଧ୍ୟ ପଚରାଯାଇଥିଲା। କହିଥିଲେ ଯେ ସେ 'ରାଜନୀତି'ରେ ତାଙ୍କ ଅଭିନୟରେ ଖୁସି ନଥିଲେ। ଚଳଚ୍ଚିତ୍ର ନିର୍ମାତା ଉତ୍ତର ଦେଇଥିଲେ, 'ଜଣେ ଭଲ ଅଭିନେତା ସବୁବେଳେ ସେମାନଙ୍କ କାମକୁ ଏହିପରି ଭାବରେ ଦେଖନ୍ତି। ପ୍ରକାଶ ଝା ୨୦୨୫ ମସିହାରେ ଫିଲ୍ମର ମୁକ୍ତିଲାଭର ୧୫ତମ ବାର୍ଷିକୀ ପାଳନ କରିଥିଲେ। ସେ 'ରାଜନୀତି'ର ସିକ୍ୱେଲ୍ ମଧ୍ୟ ନିଶ୍ଚିତ କରିଥିଲେ। ସେ କହିଥିଲେ, 'ରାଜନୀତିର ଯାତ୍ରା ସବୁଦିନ ପାଇଁ ଜାରି ରହେ। ବର୍ତ୍ତମାନ, ଲୋକମାନେ ପଚାରୁଛନ୍ତି ଯେ ରଣବୀର କପୁର ଏବଂ କ୍ୟାଟ୍ରିନା ପୁଣି ଥରେ ଦେଖାଯିବେ କି ନାହିଁ। ଫିଲ୍ମ ନିର୍ମାତା ପୂର୍ବରୁ ସ୍ପଷ୍ଟ କରିଥିଲେ ଯେ କାଷ୍ଟିଂ ଏବଂ ସୁଟିଂ ସମ୍ପର୍କରେ କିଛି ନିଶ୍ଚିତ ହୋଇନାହିଁ, କିନ୍ତୁ ସେମାନେ ବର୍ତ୍ତମାନ ଏଥିରେ କାମ କରୁଛନ୍ତି।

ଉତ୍କଳ ସମାଚାର

ସମ୍ପାଦକୀୟ...

ଗୁରୁବାର ୧୯ ମାର୍ଚ୍ଚ ୨୦୨୬

(ଅ)ପରିବର୍ତ୍ତନ

ଦେଶରେ ଖାଉଟି ବ୍ୟୟ ଓ ନିବେଶରେ ପରିଲକ୍ଷିତ ଧାରା ସଂପର୍କରେ ରିଜର୍ଭ ବ୍ୟାଙ୍କ୍ ସନ୍ତୋଷ ପ୍ରକାଶ କରିଥିଲେ ହେଁ, ଭବିଷ୍ୟତ୍‌ରେ ଯୁଦ୍ଧର ପ୍ରଭାବ କେଉଁ ମୋଡ଼ ନେବ କହିହେବ ନାହିଁ। ତଥାପି ୨୦୨୪-୨୫ରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ପୂର୍ବରୁ ଅନୁମାନ କରାଯାଇଥିବା ଭଳି ୭.୨ ଶତାଂଶ ହେବ ଓ ମୁଦ୍ରାସ୍ଫୀତି ହାର ୪.୫ ଶତାଂଶ ହେବ ବୋଲି ରିଜର୍ଭ ବ୍ୟାଙ୍କ୍ ଆଶା ପ୍ରକାଶ କରିଛି। ଯଦି ପରିସ୍ଥିତି ଅନୁକୂଳ ରହେ ଓ ମୁଦ୍ରାସ୍ଫୀତି ଘୋଡ଼ା ତା'ର ଶାଳରେ ଶାନ୍ତ ଭାବରେ ବିଶ୍ରାମ ନିଏ, ତେବେ ହୁଏତ ଆଗାମୀ ବିତ ବର୍ଷ ଆରମ୍ଭ ବେଳକୁ ରିଜର୍ଭ ବ୍ୟାଙ୍କ୍ ରେପୋ ରେଟ୍‌ରେ ହ୍ରାସ ଘଟାଇବା ଉଚିତ ମନେ କରିପାରେ। ଚଳିତ ମାସ ଆରମ୍ଭରେ 'ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ'ର ମୁଦ୍ରାନୀତି ନିର୍ଦ୍ଧାରଣ କମିଟି 'ଏମ୍‌ପିସି'ର ଅର୍ଦ୍ଧେକ ସଦସ୍ୟଙ୍କର କାର୍ଯ୍ୟକାଳ ସମାପ୍ତ ହେବା ପରେ ସେମାନଙ୍କ ସ୍ଥାନରେ ନୂତନ ସଦସ୍ୟମାନେ ଅବସ୍ଥାପିତ ହୋଇଛନ୍ତି। ଛ'ଜଣ ସଦସ୍ୟବିଶିଷ୍ଟ 'ଏମ୍ ?ପିସି'ର ବିଦାୟ ଗ୍ରହଣ କରିଥିବା ଏହି ତିନି ଜଣ ସଦସ୍ୟ ହେଉଛନ୍ତି କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ବାହ୍ୟ ସଦସ୍ୟ ଜୟନ୍ତ ବର୍ମା, ଅସୀମା ଗୋୟାଲ ଓ ଶଶାଙ୍କ ଭିଡ଼େ। ଯେଉଁ ଏକ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ନିକଟ ଅତୀତରେ ଏଇ ତିନି ଜଣ ଅର୍ଥନୀତିଜ୍ଞ ଚର୍ଚ୍ଚାରେ ରହିଆସିଛନ୍ତି, ତାହା ହେଲା, ରିଜର୍ଭ ବ୍ୟାଙ୍କ୍ ?ର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱାଧୀନ 'ଏମ୍ ?ପିସି' ନିର୍ଣ୍ଣାୟକ ସୁଧ ହାର 'ରେପୋ ରେଟ୍'ରେ ହ୍ରାସ ଘଟାଇବାର ସମୟ ଉପସ୍ଥିତ ହୋଇନାହିଁ ବୋଲି ବିଚାର କରି ଏଥିରୁ ନିବୃତ୍ତ ରହି ଆସିଥିବା ବେଳେ, ଉପରୋକ୍ତ ବାହ୍ୟ ସଦସ୍ୟମାନେ ଅର୍ଥନେ ?ତିକ ଅଭିବୃଦ୍ଧିକୁ ସହାୟକ ହେବା ନିମିନ୍ତ ରେପୋ ରେଟ୍‌ରେ ହ୍ରାସ ଘଟାଇବା ଉଚିତ ହେବ ବୋଲି ମତ ପୋଷଣ କରିଆସିଥିଲେ। ଉପରୋକ୍ତ ତିନି ଜଣ ସଦସ୍ୟଙ୍କ ସ୍ଥାନରେ ସରକାର ବର୍ତ୍ତମାନ ଯେଉଁ ତିନି ଜଣ ନୂତନ ସଦସ୍ୟଙ୍କୁ ନିଯୁକ୍ତ କରିଛନ୍ତି, ସେମାନେ ହେଲେ 'ଦିଲ୍ଲୀ ସ୍କୁଲ୍ ଅଫ୍ ଇକୋନୋମିକ୍ସ'ର ନିର୍ଦ୍ଦେଶକ ରାମ ସିଂହ, ଅର୍ଥନୀତିଜ୍ଞ ସୌଗତ ଭଟ୍ଟାଚାର୍ଯ୍ୟ ଓ 'ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଷ୍ଟଡିଜ୍ ଇନ୍ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପମେଂଟ'ର ନିର୍ଦ୍ଦେଶକ ନଗେଶ୍ କୁମାର। ଅକ୍ଟୋବର ୭-୯ରେ 'ଏମ୍‌ପିସି'ର ଦ୍ୱିମାସିକ ବୈଠକ ପୂର୍ବରୁ ଏହି ନୂତନ ସଦସ୍ୟମାନଙ୍କର ନିଯୁକ୍ତି ବିନୀୟ ମହଲରେ ଏକ ଆଶା ସଚାଂର କରିଥିଲା ଯେ ଏଥର ବୋଧହୁଏ ନୀଚା ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଶେଷରେ 'ଏମ୍‌ପିସି' ରେପୋ ରେଟ୍‌ରେ ହ୍ରାସ ଘଟାଇବାକୁ ଯାଉଛି। କିନ୍ତୁ ଅକ୍ଟୋବର ୯ରେ ଘୋଷିତ ଏହି ବୈଠକର ନିଷ୍ପତି ଦେଖିବା ପରେ ପର୍ଯ୍ୟବେକ୍ଷକମାନଙ୍କ ମନରେ ଯେଉଁ ଏକ ଭାବନା ପ୍ରତିଧ୍ୱନିତ ହେଉଛି, ତାହା ହେଲା ଉନବିଂଶ ଶତାବ୍ଦୀର ଫରାସୀ ସମାଲୋଚକ ଆଲ୍‌ଫୋନ୍‌ସ କାରଙ୍କର ସୁପରିଚିତ ଉକ୍ତି: ''ଦି ମୋର୍ ଥିଙ୍ଗ୍‌ସ ଚେଞ୍ଜ୍, ଦି ମୋର୍ ଦେ ଷ୍ଟେ ଦି ସେମ୍।'' (ପରିସ୍ଥିତିରେ ଯେତେ ଅଧିକ ପରିବର୍ତ୍ତନ ଘଟିଥାଏ, ତାହା ସେତେ ଅଧିକ ଅପରିବର୍ତ୍ତିତ ରହିଥାଏ।) ଏହି ଘୋଷଣା ଅନୁସାରେ ପରିବର୍ତ୍ତିତ 'ଏମ୍ ?ପିସି' ରେପୋ ରେଟ୍‌କୁ ପୂର୍ବଭଳି ସେଇ ୬.୫ ଶତାଂଶ ହାରରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତି ଗ୍ରହଣ କରିଛି। ଅନ୍ୟ ଯେଉଁ ଏକ କାରଣ ପର୍ଯ୍ୟବେକ୍ଷକମାନଙ୍କ ମଧ୍ୟରେ ରେପୋ ରେଟ୍‌ରେ ଏକ ସମ୍ଭାବ୍ୟ ହ୍ରାସ ଘଟିବାର ଆଶା ଜାଗ୍ରତ କରିଥିଲା, ତାହା ହେଲା ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ୍ 'ଫେଡେରାଲ୍ ରିଜର୍ଭ' ନିକଟରେ ସୁଧ ହାରରେ ହ୍ରାସ ଘଟାଇବା ନିମିତ ଆରମ୍ଭ କରିଥିବା ପ୍ରକ୍ରିୟା। ଏଥିଯୋଗୁଁ ଭାରତୀୟ ମୁଦ୍ରା(ଟଙ୍କା)ର ବିନିମୟ ମୂଲ୍ୟ ଉପରେ ସମ୍ଭାବ୍ୟ ଚାପକୁ ପ୍ରତିହତ କରିବା ପାଇଁ, ଏଠାରେ ମଧ୍ୟ ସୁଧ ହାରରେ ଅନୁରୂପ ହ୍ରାସ ଘଟାଇବାକୁ ରିଜର୍ଭ ବ୍ୟାଙ୍କ୍ ଉଚିତ ବିଚାର କରିପାରେ ବୋଲି ପର୍ଯ୍ୟବେକ୍ଷକମାନେ ଅନୁମାନ କରୁଥିଲେ। ତା'ଛଡ଼ା ଆନ୍ତର୍ଜାତିକ ସାମରିକ-ରାଜନୈତିକ ଅସ୍ଥିରତା ଯୋଗୁଁ ଅର୍ଥନୈତିକ ଅଭିବୃଦ୍ଧି ସମ୍ମୁଖୀନ ହେବାର ଥିବା ପ୍ରତିବନ୍ଧକମାନଙ୍କୁ ଅତିକ୍ରମ କରିବା ପାଇଁ ରିଜର୍ଭ ବ୍ୟାଙ୍କ୍ ରେପୋ ରେଟ୍‌ରେ ହ୍ରାସ ଘଟାଇବ ବୋଲି ସେମାନେ ବିଶ୍ୱାସ କରୁଥିଲେ। 'ଏମ୍‌ପିସି' ସେମାନଙ୍କୁ ଏଥିରେ ହତାଶ କରିଥିଲେ ହେଁ, ଭବିଷ୍ୟତ୍ ପାଇଁ ସେମାନଙ୍କର ଏହି ଆଶାକୁ ମଉଳିବାକୁ ନ ଦେଇ ରିଜର୍ଭ ବ୍ୟାଙ୍କ୍‌ର ନୀତିଗତ ଆଭିମୁଖ୍ୟ (ପଲିସି ଷ୍ଟାନ୍ସ)ରେ ଏକ ସକାରାତ୍ମକ ପରିବର୍ତ୍ତନ ଘଟାଇ ତାହାକୁ ''ନିରପେକ୍ଷ'' (ନିଉଟ୍ରାଲ୍) ଘୋଷଣା କରିଛି। ଏଥିରୁ ଯେଉଁ ଇସାରା ମିଳିଥାଏ, ତାହା ହେଲା ଯଦି ଆଗାମୀ ସମୟରେ ମୁଦ୍ରାସ୍ଫୀତି ହାର ୪ ଶତାଂଶ ସ୍ତରରେ ସ୍ଥିରତା ହାସଲ କରେ, ତେବେ ରିଜର୍ଭ ବ୍ୟାଙ୍କ୍ ରେପୋ ରେଟ୍‌ରେ ହ୍ରାସ ଘଟାଇବା ପାଇଁ ଆଗେଇ ଆସିପାରେ। ଇତି ମଧ୍ୟରେ ଦେଶରେ ଖାଉଟି ମୁଦ୍ରାସ୍ଫୀତିରେ ଶିଥିଳତା ଦେଖାଯାଇଛି ସତ, କିନ୍ତୁ ଏହା ତଥାପି ରିଜର୍ଭ ବ୍ୟାଙ୍କ୍‌ର ୪ ଶତାଂଶ ଲକ୍ଷ୍ୟ ଠାରୁ ଉପରେ ରହିଥିବାରୁ ଏହା ଉପରେ ଲଗାମ ହୁଗୁଳା କରିବାର ସମୟ ତଥାପି ଉପସ୍ଥିତ ହୋଇନାହିଁ ବୋଲି 'ଏମ୍‌ପିସି' ଅନୁଭବ କରିଛି। ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଭାଷାରେ ''ବହୁ କଷ୍ଟ ସ୍ୱୀକାର କରି ମୁଦ୍ରାସ୍ଫୀତି ଘୋଡ଼ାକୁ ଘୋଡ଼ାଶାଳରେ ଭର୍ତି କରାଯାଇଛି। ଆମକୁ ଫାଟକ ଖୋଲିବା ବାବଦରେ ବହୁତ ହୁସିଆର ହେବାକୁ ପଡ଼ିବ, କାରଣ ଘୋଡ଼ା ପୁଣି ଅବିଳମ୍ବେ ଡିଆଁ ମାରି ପଳାଇ ଯାଇପାରେ।'' ଅବଶ୍ୟ ଜୁଲାଇ ଓ ଅଗଷ୍ଟରେ ମୁଦ୍ରାସ୍ଫୀତି ହାର ୪ ଶତାଂଶ ତଳକୁ ଖସିବା ଦେଖାଯାଇଥିଲା, କିନ୍ତୁ ତା'ର ଅସଲ କାରଣ ହେଉଛି ପରିସଂଖ୍ୟାନର ଖେଳ। ଏହି ମୁଦ୍ରାସ୍ଫୀତି ହାର ହେଉଛି ବାର୍ଷିକ ହାର ଏବଂ ଗତବର୍ଷ ଏଇ ସମୟରେ ଦରଦାମ ସୂଚକାଙ୍କ ଅପେକ୍ଷାକୃତ ଉଚ୍ଚା ଥିବା କାରଣରୁ ତା' ତୁଳନାରେ ଚଳିତବର୍ଷର ଦରଦାମ ବୃଦ୍ଧି ହାର ଅପେକ୍ଷାକୃତ ନୀଚା ମନେ ହୋଇଛି, ଯାହାକୁ ଅର୍ଥଶାସ୍ତ୍ରରେ 'ମୂଳ ପ୍ରଭାବ' ବା 'ବେସ୍ ଇଫେକ୍ଟ' ରୂପେ ଅଭିହିତ କରାଯାଇଥାଏ। ଏହି 'ବେସ୍ ଇଫେକ୍ଟ' ଓଲଟିଗଲେ ମୁଦ୍ରାସ୍ଫୀତି ହାର ପୁଣି ନିରାପଦ ସୀମା ଅତିକ୍ରମ କରିଯିବ। ସମୟକ୍ରମେ ଯେତେବେଳେ ଏହି ଅସ୍ଥିରତାରେ ଅନ୍ତ ଘଟି ମୁଦ୍ରାସ୍ଫୀତି ତା'ର ପ୍ରକୃତ ରୂପ ପ୍ରକଟ କରିବ, ସେତେବେଳେ ଆମକୁ ସେ ସଂପର୍କରେ ଏକ ସ୍ୱଷ୍ଟ ଚିତ୍ର ଉପଲବ୍ଧ ହେବ। ତେବେ ଆଗକୁ ସୁଦିନ ଆସୁଛି ବୋଲି ଶକ୍ତିକାନ୍ତ ବିଶ୍ୱାସ କରୁଛନ୍ତି। ଚଳିତ ଋତୁରେ ହୋଇଥିବା ଯଥେଷ୍ଟ ବୃଷ୍ଟିପାତ ଯୋଗୁଁ ଖାଦ୍ୟ ଉତ୍ପାଦନରେ ପ୍ରାଚୁର୍ଯ୍ୟ ଖାଦ୍ୟ ଦରକୁ ଅତିରିକ୍ତ ବୃଦ୍ଧି ପାଇବାକୁ ଦେବନାହିଁ ବୋଲି ଆଶା କରାଯାଉଛି। ଉନ୍ନମ ବୃଷ୍ଟିପାତ ଯୋଗୁଁ ଖରିଫ୍ ଅମଳ ସନ୍ତୋଷଜନକ ହେବାକୁ ଯାଉଥିବା ବେଳେ ଜଳଭଣ୍ଡାରମାନଙ୍କରେ ଜଳସ୍ତର ଉଚ୍ଚ ରହି ନିଶ୍ଚିତ ଜଳସେଚନ

ନିଦର ଗହନ କଥା

ପିତୃ ଋଣ ପରିଶୋଧ ପାଇଁ ପ୍ରଭୁ ଶ୍ରୀରାମଙ୍କ ବନବାସ ସମୟର କାହାଣୀ। ଯେତେବେଳେ ସମଗ୍ର ବିଶ୍ୱ ନିଦ୍ରାଗ୍ରସ୍ତ, ସେତେବେଳେ ଧନୁର୍ଦ୍ଧାରୀ ଲକ୍ଷ୍ମଣ ଜାଗ୍ରତ ରହିଛନ୍ତି। ଅପଲକ ନୟନରେ ଜଗି ରହିଛନ୍ତି, ଅଗ୍ରଜ ଶ୍ରୀରାମ ଓ ମାତା ସୀତାଙ୍କୁ ସୁରକ୍ଷା ଦେବାକୁ। ନିଦ୍ରାଦେବୀ ଯେତେବେଳେ ବିଚଳିତ ହୋଇ ମିନତି କରନ୍ତି, "ରାଜକୁମାର, ଯୋଦ୍ଧାମାନେ ମଧ୍ୟ ବିଶ୍ରାମ ନେବା ଉଚିତ", ଲକ୍ଷ୍ମଣ ନତମସ୍ତକ ହୋଇ ଉନ୍ନର ଦେଇଛନ୍ତି, "ପ୍ରଭୁ ଶ୍ରୀରାମ ଭୂମିରେ ଶୋଇଛନ୍ତି ଓ ମାତା ସୀତା ତାଳପତ୍ରର ଶେଯରେ ବିଶ୍ରାମ କରୁଛନ୍ତି। ହିଂସ୍ର ଜନ୍ତୁରେ ପରିପୂର୍ଣ୍ଣ ଘନ ଜଙ୍ଗଲ, ଅନ୍ଧାର ରାତି। ପ୍ରତି ମୁହୂର୍ତରେ ବିପଦ କୁହାଟ ମାରୁଛି, ମୋ ଆଖିରେ ନିଦ ଆସିବ କୁଆଡୁ'' ଚଉଦ ବର୍ଷର ବିନିଦ୍ର ରଜନୀର କଷ୍ଟକୁ ସ୍ୱୀକାର କରି ଲକ୍ଷ୍ମଣ ଭ୍ରାତୃଧର୍ମ ରକ୍ଷା କରିଛନ୍ତି। ମାନବ ସଭ୍ୟତା ନିଦ୍ରାକୁ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ, ଅଥଚ ରହସ୍ୟମୟ ଉପାଦାନ ଭାବରେ ଦେଖିଛି, ଯାହା ପ୍ରାଚୀନ କାଳରେ ବର୍ଣ୍ଣିତ ଏକ ଆଧାତ୍ମିକ 'ଅସ୍ଥାୟୀ ମୃତ୍ୟୁ'ରୁ ଆରମ୍ଭ ହୋଇ ଆଧୁନିକ ସମାଜରେ ଏକ 'ଉତ୍ପାଦନକ୍ଷମ, ପୁନରୁଦ୍ଧାରକାରୀ' ଅବସ୍ଥାକୁ ବିକଶିତ ହୋଇଛି। ମଣ୍ଡୁକ ଉପନିଷଦରେ, ଚେତନାର ତିନିଟି ଅବସ୍ଥା ବର୍ଣ୍ଣନା କରାଯାଇଛି- ଜାଗ୍ରତ, ସ୍ୱପ୍ନ ଓ ଗଭୀର ନିଦ୍ରା। ସନାତନ ଶାସ୍ତ୍ର ମତରେ ଗଭୀର ନିଦ୍ରାରେ ଶରୀର, ଇଚ୍ଛା ଓ ଭୟରୁ ମୁକ୍ତ ରହି ଅବିଚ୍ଛେଦ୍ୟ ସଚେତନତାରେ ବିଶ୍ରାମ ନିଏ। ବୌଦ୍ଧ ଧର୍ମ ନିଦ୍ରାକୁ ସଚେତନତା ଓ ମଧ୍ୟମ ପଥର ଅନୁଶାସନ ମଧ୍ୟରେ ଆବଶ୍ୟକ ବିଶ୍ରାମ ଭାବେ ଦେଖୁଥିବା ବେଳେ ବୈରାଗବାଦ ଏହାକୁ ପ୍ରକୃତି ସହ ସମନ୍ୱୟର ଦୃଷ୍ଟିକୋଣରୁ ଚିନ୍ତା କରେ। ଗଭୀର ନିଦ୍ରା ବିନା ଶାରୀରିକ କିମ୍ବା ମାନସିକ ବିକାଶ ସମ୍ଭବ ନୁହେଁ- ଏଥିରେ ପ୍ରାଚୀନ ଜ୍ଞାନ ଓ ଆଧୁନିକ ବିଜ୍ଞାନ ଏକମତ। ସାହିତ୍ୟ ଓ ପୁରାଣ ନିଦ୍ରାର ରହସ୍ୟକୁ ପ୍ରାରମ୍ଭରୁ ସମ୍ମାନ ଦେଇଆସିଛି। ଗ୍ରିକ୍ କାହାଣୀରେ 'ହିପ୍ନୋସ୍' ନିଦ୍ରାର ଦେବତା ଭାବେ ବର୍ଣ୍ଣିତ ଥିବାବେଳେ ଏକ ଅନ୍ଧକାର ଗୁମ୍ଫାରେ ବାସ କରୁଥିବା ତାଙ୍କ ରୋମାନ ପ୍ରତିପକ୍ଷ 'ସୋମନୁସ୍' ପୂର୍ଣ୍ଣ ବିଶ୍ରାମର ପ୍ରତୀକ। ଭାରତୀୟ ସଂସ୍କୃତିରେ, ଶେଷନାଗ ସର୍ପ କୋଳରେ ଭଗବାନ ବିଷ୍ଣୁଙ୍କ ଯୋଗନିଦ୍ରା, ବିଶ୍ରାମ ମାଧ୍ୟମରେ ନବୀକରଣର ପ୍ରତୀକ। ବିପରୀତରେ, ରାମାୟଣର କୁମ୍ଭକର୍ଣ୍ଣଙ୍କ ଭୋଗନିଦ୍ରା ଚେତାବନୀ ଦିଏ ଯେ ଅତ୍ୟଧିକ ନିଦ୍ରା ଧ୍ୱଂସର କାରଣ ସାଜିଥାଏ। ଇତିହାସର ପୃଷ୍ଠାରେ ରହିଛି- ନେପୋଲିଅନ୍ ବୋନାପାର୍ଟ କମ୍ ବିଶ୍ରାମ ନେଉଥିବା ବେଳେ ସେକ୍ସପିଅର ନିଦ୍ରାକୁ 'ଆଘାତପ୍ରାପ୍ତ ମନର ମଲମ' ବୋଲି କହିଛନ୍ତି। ଚର୍ଚ୍ଚିଲଙ୍କ ଚାମଚ ଧରି ଶୋଇବାର ଅଭ୍ୟାସ ସାମୟିକ ଦିବାନିଦ୍ରାର ଉଦାହରଣ ସୃଷ୍ଟି କରିଛି। ଆଧୁନିକ ସ୍ନାୟୁବିଜ୍ଞାନ ନିଦ୍ରାକୁ ଦେହ ଓ ମନର ଅତ୍ୟାବଶ୍ୟକ ପୁନରୁଦ୍ଧାରର ଏକ ଅବସ୍ଥା ବୋଲି କହିଥାଏ। ସ୍ନାୟୁବିଜ୍ଞାନୀ ମାଥ୍ୟୁ ୱାକର କହନ୍ତି, 'ନିଦ୍ରା ହେଉଛି ଏକମାତ୍ର ପ୍ରଭାବଶାଳୀ ଶକ୍ତି ଯାହା ମାଧ୍ୟମରେ ଆମେ ପ୍ରତିଦିନ ଆମର ମସ୍ତିଷ୍କ ଓ ସ୍ୱାସ୍ଥ୍ୟର ସନ୍ତୁଳନକୁ ରକ୍ଷା କରିପାରିବା।' ସୁନିଦ୍ରା ଦୁଇଟି ଶକ୍ତି ଉପରେ ନିର୍ଭର କରେ- ସର୍କାଡିଆନ୍ ରିଦମ୍ (ଆମ ଅନ୍ତର୍ନିହିତ ଘଟାଂ), ଯାହା ମେଲାଟୋନିନ୍ ହରମୋନ କ୍ଷରଣ କରି ତନ୍ଦ୍ରାଭାବ ଆଣେ ଏବଂ ଏଡେନୋସିନ୍, ଯାହାକି ନିଦ୍ରା ଚାପ ସୃଷ୍ଟି କରେ। ଗବେଷଣା ମତରେ, ସାତରୁ ଆଠ ଘଟାଂର ଗୁଣାତ୍ମକ ନିଦ୍ରା ଦୀର୍ଘକାଳୀନ ସୁସ୍ଥତାକୁ ନିଶ୍ଚିତ କରେ। ନିଦ୍ରାବେଳେ ପେଶୀ ମରାମତି, କୋଷ ବିକାଶ, ପ୍ରୋଟିନ୍ ସଂଶ୍ଳେଷଣ ଓ ଆବଶ୍ୟକୀୟ ହରମୋନର କ୍ଷରଣ ହୁଏ। ଅପର ପକ୍ଷରେ ନିଦ୍ରାହୀନତା ଯୋଗୁଁ ରକ୍ତଚାପ, ଡାଏବେଟିସ, ମୋଟାପଣର ଆଶଙ୍କା ବଢ଼େ, ରୋଗପ୍ରତିରୋଧକ ଶକ୍ତି କ୍ଷୟ ହୁଏ। ସିଗମଣ୍ଡ ଫ୍ରଏଡ୍ ଉଲ୍ଲେଖ କରନ୍ତି, 'ସ୍ୱପ୍ନ ହେଉଛି ଅବଚେତନ ମନର ରାଜକୀୟ ପଥ।' ଯେତେବେଳେ ନିଦ ବ୍ୟାହତ ହୁଏ, ସେହି ରାସ୍ତା ସଂକୀର୍ଣ୍ଣ ହୋଇଯାଏ; ଅସମାହିତ ଭାବନାଗୁଡ଼ିକ ଅସ୍ଥିର ଭାବରେ ମନରେ ବିଚରଣ କରନ୍ତି। ଅନିଦ୍ରା (ଇନସମନିଆ)- ଶୋଇବାକୁ କିମ୍ବା ଶୋଇବାରେ କଷ୍ଟହେବା ହେଉଛି ସବୁଠାରୁ ସାଧାରଣ ନିଦ୍ରା ବିକାର। ନିଦ୍ରାହୀନତା (ସ୍ଲିପ୍ ଏପ୍ନିଆ), ଯାହା ରାତିରେ ବାରମ୍ବାର ନିଦ୍ରା-ଭଙ୍ଗ କରାଏ, ତାହା ମଧ୍ୟ ଏକ ଗୁରୁତର ସମସ୍ୟା। ଏହାର ସମାଧାନର କିଛି ସରଳ ଉପାୟ ରହିଛି। ଶୋଇବା ପୂର୍ବରୁ ଜାଇଫଳ କିମ୍ବା ହଳଦୀ ସହିତ ଗରମ କ୍ଷୀରପାନ, ସ୍ନାୟୁତନ୍ତ୍ରକୁ ଶାନ୍ତ କରିବା ପାଇଁ ମୃଦୁ ତେଲ ମାଲିସ୍, ନିଦ୍ରା ଓ ଜାଗରଣର ନିର୍ଦ୍ଦିଷ୍ଟ ସମୟସୂଚୀର ଅନୁସରଣ, ମନକୁ ଶାନ୍ତ ରଖିବା ପାଇଁ ଶ୍ୱାସକ୍ରିୟା ବ୍ୟାୟାମ ଓ ଯୋଗାଭ୍ୟାସ ଲାଗି ପାରମ୍ପରିକ ପଦ୍ଧତି ସୁପାରିସ କରେ। ଏହା ସହ ହାଲୁକା ଆଲୋକ, ସ୍ୱଳ୍ପ ରାତ୍ରି ଭୋଜନ, ଡିଜିଟାଲ୍ ? ସ୍କ୍ରିନ ଦେଖିବା ପରିବର୍ନ୍ତେ ଶୋଇବା ପୂର୍ବରୁ ପୁସ୍ତକ ପଢ଼ାପଢ଼ି କରିବା ଓ କୋମଳ ସଙ୍ଗୀତ ଶୁଣିବା ଦ୍ୱାରା ନିଦ୍ରା ସମସ୍ୟାର ସମାଧାନ ହୋଇପାରିବ। ନିଦ୍ରା ଏକ ଆଦିମ ଜୈବ ପ୍ରବୃତି, ତେଣୁ ପ୍ରାକୃତିକ ପାରମ୍ପରିକ ପଦ୍ଧତି ହିଁ ନିଦ୍ରାକୁ କରାୟନ୍ତ କରିବାର ଶ୍ରେଷ୍ଠ ଉପାୟ। ରସେଲ ଫୋଷ୍ଟର ସୁନ୍ଦର ଭାବରେ କୁହନ୍ତି, ''ନିଦ୍ରା ହେଉଛି ସୁବର୍ଣ୍ଣ ଶୃଙ୍ଖଳ ଯାହା ସ୍ୱାସ୍ଥ୍ୟ ସମେତ ଜୀବନର ସମସ୍ତ ଦିଗକୁ ଏକତ୍ର ବାନ୍ଧିରଖେ।'' ସଭ୍ୟତା ନିଦ୍ରାକୁ ସମ୍ମାନ ଦେଇଛି; ସାହିତ୍ୟ ଭାବ-ଭାବନାରେ ରୂପ ଦେଇଛି; ବିଜ୍ଞାନ ଏହାକୁ ବ୍ୟାଖ୍ୟା କରିଛି। ମନେରଖିବା ଉଚିତ, ନିଦ୍ରାକୁ ପ୍ରାଥମିକତା ଦେବା ବିଳାସ ନୁହେଁ; ଏହା ଜୈବିକ ଜ୍ଞାନ ପାଇଁ ଆଶାର ଆଲୋକ ଏବଂ ଚିନ୍ତାଗ୍ରସ୍ତ ମନ ପାଇଁ ଶାନ୍ତିର ଏକ ମାର୍ଗ। ଚାଲନ୍ତୁ ଦିନକୁ ଆଠ ଘଟାଂ ଶୋଇବାର ଶପଥ ନେବା।

ମହାପ୍ରସ୍ଥାନର ଦ୍ୱାର

ହିପୋକ୍ରିଟସଙ୍କ ଶପଥ ନେଇଥିବା ଅସଂଖ୍ୟ ଚିକିତ୍ସା ବିଶେଷଜ୍ଞ 'ୟୁଥାନାସିଆ'କୁ ସର୍ବଶେଷ ଆଶ୍ରୟ ବୋଲି ବିଚାର ନ କରି ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଯନ୍ତ୍ରଣାମୁକ୍ତ ଜୀବନ ଉପଲବ୍ ?ଧ କରାଇବା ଲାଗି 'ପାଲିଏଟିଭ' ଚିକିତ୍ସା ଓ ଔଷଧର ବିକାଶ ଦିଗରେ ଅହର୍ନିଶ ଗବେଷଣାରତ ଅଛନ୍ତି, ଯେଉଁ କାରଣରୁ ଅନେକ ପୀଡ଼ିତଙ୍କ ଯନ୍ତ୍ରଣାରେ ଉପଶମ ଘଟୁଛି, ସେମାନଙ୍କ ଶେଷ ଜୀବନରେ ଗୁଣାତ୍ମକ ପରିବର୍ନ୍ତନ ମଧ୍ୟ ଘଟୁଛି। ଏଭଳି ସ୍ଥଳେ 'ପାଲିଏଟିଭ' ଔଷଧ ଓ ସେବାର ବିକାଶ ଦ୍ୱାରା ଯଦି 'ୟୁଥାନାସିଆ' ଅପ୍ରାସଙ୍ଗିକ ହୋଇ ପଡ଼େ, ତେବେ ତାହା ସୁନିଶ୍ଚିତ ଭାବେ ମାନବ ଜାତି ଲାଗି ଏକ ସୁସମ୍ବାଦ ହେବ। ଗଲା ୧୧ ତାରିଖ ଦିନ ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ଏକ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା, ଆମ ଦେଶରେ ସର୍ବ ପ୍ରଥମ ଦୃଷ୍ଟାନ୍ତ ଭାବେ, ହରୀଶ ରାଣା ନାମକ ଜଣେ ୩୧ ବର୍ଷ ବୟସ୍କ ଯୁବକଙ୍କ ସକାଶେ 'ୟୁଥାନାସିଆ' କାର୍ଯ୍ୟକାରୀ କରିବା ନେଇ ସମ୍ମତି ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଗ୍ରୀକ୍ ଅଭିବ୍ୟକ୍ତି 'ୟୁଥାନାସିଆ'ର ମର୍ମାର୍ଥ 'ସ୍ୱେଚ୍ଛାରେ ମୃତ୍ୟୁ ବରଣ' ବୋଲି ସ୍ଥୂଳ ଭାବେ ବୁଝା ଯାଉଥିଲେ ହେଁ ଏହାର ଆଭିଧାନିକ ଅର୍ଥ ହେଉଛି 'ଉନ୍ନମ ମୃତ୍ୟୁ' (ଗୁଡ୍ ଡେଥ୍) ବା 'ସହଜ ମୃତ୍ୟୁ', ଯାହା 'ୟୁଥାନାସିଆ'ର ଆବଶ୍ୟକତା ବା ପ୍ରାସଙ୍ଗିକତା ନେଇ ବିତର୍କର ପରିସରକୁ ବିସ୍ତୃତ କରିଥାଏ। କହିବା ବାହୁଲ୍ୟ ଯେ ଏଭଳି ଏକ ଅତ୍ୟନ୍ତ ସ୍ପର୍ଶକାତର, ମର୍ମସ୍ପର୍ଶୀ ଓ ପୀଡ଼ାଦାୟକ ପ୍ରସଙ୍ଗ ଦ୍ୱାରା ଜନମତ ସ୍ୱଷ୍ଟ ଭାବେ ବିଭାଜିତ ହେଉଥିଲେ ହେଁ ପ୍ରଶ୍ନ ଉଠିଥାଏ ଯେ ସାଂପ୍ରତିକ ସ୍ଥିତିରେ ଏହି ସଂଦର୍ଭକୁ ନୂତନ ଆଲୋକରେ ଦେଖିବାର ସମୟ ଉପନୀତ ହେଲାଣି କି? ତେବେ, ପ୍ରଥମେ ଚୂମ୍ବକରେ ପୃଷ୍ଠଭୂମିର ଅବତାରଣା କରାଯାଉ। ୨୦୧୩ ମସିହାରେ, ଇଂଜିନିଅରିଂ ଛାତ୍ର, ହରୀଶ ରାଣା ଚାରି ମହଲା ଉପରୁ ତଳକୁ ଖସି ପଡ଼ି ଗୁରୁତର ମସ୍ତିଷ୍କ ଆଘାତ ହେତୁ ଗଭୀର 'କୋମା'କୁ ଚାଲି ଯାଇଥିଲେ। ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ, ଦୀର୍ଘ ୧୩ ବର୍ଷ କାଳ, ସେ ଜୀବନ୍ମୃତ ସ୍ଥିତିରେ ପଡ଼ି ରହିଛନ୍ତି; ତାଙ୍କ ଆହାର, ରେଚନ ଓ ଶ୍ୱାସକ୍ରିୟା ଆଦି ସବୁ କିଛିର ବ୍ୟବସ୍ଥା ରାଇଲସ ଟ୍ୟୁବ, କାଥେଟର ଓ ଟ୍ରକିଓଷ୍ଟୋମି ଆଦି ମାଧ୍ୟମରେ ସଂପାଦିତ ହେଉଛି; ଏକ 'ଭେଜିଟେଟିଭ' ଅବସ୍ଥାକୁ ଚାଲି ଆସିଥିବା ହରୀଶଙ୍କ ସକାଶେ ସୁସ୍ଥ ହେବାର ଲେଶ ମାତ୍ର ସମ୍ଭାବନା ବିଶେଷଜ୍ଞ ଡାକ୍ତରମାନେ ଦେଖି ନ ଥାଆନ୍ତି। ସୁତରାଂ, ଏଭଳି ଏକ ମର୍ମଭେଦୀ ସ୍ଥିତିରେ ହରୀଶଙ୍କ ବୃଦ୍ଧ ପିତାମାତା ନିଜ ସନ୍ତାନକୁ ଯନ୍ତ୍ରଣା ତଥା ବିକଳ ଅସ୍ତିତ୍ୱରୁ ମୁକ୍ତି ଦେବା ଲାଗି 'ୟୁଥାନାସିଆ' ଲୋଡ଼ି ଅଦାଲତଙ୍କ ଆଶ୍ରୟ ନେଇଥିଲେ, ଯହିଁରେ ତିନି ବର୍ଷ ପରେ ଯାଇ ତାଙ୍କ ପ୍ରାର୍ଥନା ଗୃହୀତ ହୋଇଛି। ଏଠାରେ ପ୍ରଣିଧାନଯୋଗ୍ୟ ଯେ ଦୀର୍ଘ ୪୦ ବର୍ଷ ଧରି ମୁମ୍ବାଇର କେ.ଇ.ଏମ. ହସପିଟାଲରେ ଚିକିତ୍ସାଧୀନ ଥିବା ଚଳତ୍ ଶକ୍ତି ଶୂନ୍ୟ ଅରୁଣା ଶାନବାଗଙ୍କ ସକାଶେ 'ୟୁଥାନାସିଆ' ଲୋଡ଼ି, ୨୦୧୦ ମସିହାରେ, ଲେଖିକା ପିଙ୍କି ବିରାନୀ କରିଥିବା ଏକ ଆବେଦନକୁ ସୁପ୍ରିମ କୋର୍ଟ ଅଗ୍ରାହ୍ୟ କରି ଦେଇଥିଲେ ହେଁ ଏହି ବିଚାର କ୍ରମରେ ଭାରତରେ 'ପାସିଭ' (ନିଷ୍କ୍ରିୟ) ୟୁଥାନାସିଆ ଆଇନଗତ ବୈଧତା ଲାଭ କରିଥିଲା, ଯଦିଓ, ଅତ୍ୟନ୍ତ ବିରଳ କ୍ଷେତ୍ରରେ ନିଘଟଂ ସତର୍କତା ସହିତ ଚିକିତ୍ସା ବିଶେଷଜ୍ଞମାନଙ୍କ କଠୋର ଦୃଷ୍ଟି ତଳେ ଏବଂ ଅଦାଲତଙ୍କ ଅନୁମୋଦନ ପରେ ଏହା ସଂପାଦିତ ହୋଇପାରିବ ବୋଲି ମାର୍ଗ ନିର୍ଦ୍ଧାରିତ ହୋଇଥିଲା। ସୁତରାଂ, ସେହି ରାୟ (୨୦୧୧) ଆସିବାର ଦୀର୍ଘ ଦେଢ଼ ଦଶନ୍ଧି ପରେ ଯାଇ ହରୀଶ ରାଣାଙ୍କ କ୍ଷେତ୍ରରେ 'ୟୁଥାନାସିଆ' ବାସ୍ତବାୟିତ ହେବାକୁ ଯାଉଛି। କହିବା ଅନାବଶ୍ୟକ ଯେ ହରୀଶଙ୍କୁ ଘରେ ରଖି ସେବାଯତ୍ନ କରୁଥିବା ତାଙ୍କ ପରିବାର ଗଭୀର ମାନସିକ ଯନ୍ତ୍ରଣା ସହିତ ଉତ୍କଟ ଅର୍ଥାଭାବର ମଧ୍ୟ ସମ୍ମୁଖୀନ ହେଉଥିଲା, ଯହିଁରେ ହରୀଶଙ୍କ ବୃଦ୍ଧ ପିତାଙ୍କୁ ବୁଲି ବୁଲି ସାଣ୍ଡଉଇଚ ବିକ୍ରି କରିବାକୁ ହେଉଥିଲା, ପାରିବାରିକ ଘର ବିକ୍ରି ହୋଇଯାଇଥିଲା ଏବଂ ପରିବାରର କନିଷ୍ଠ ପୁତ୍ର ଆଶିଷ ଉଚ୍ଚ ଶିକ୍ଷା ଲାଭରୁ ବଚିଂତ ହୋଇ ଭାଇଙ୍କ ସେବାଶୁଶ୍ରୂଷାରେ ମା'ଙ୍କୁ ସାହାଯ୍ୟ କରିବାରେ ନିମଗ୍ନ ଥିଲେ। ଏଥିରୁ ହୃଦବୋଧ ହୋଇଥାଏ ଯେ ଆମ ଦେଶର ଦୁର୍ବଳ ସାର୍ବଜନୀନ ଚିକିତ୍ସା ସୁବିଧା ପରିପ୍ରେକ୍ଷୀରେ, ଏଭଳି ଏକ ପରିସ୍ଥିତି ଉପୁଜିଲେ ମର୍ମ ବେଦନା ସହିତ ସେବାର ବ୍ୟୟ ବହୁଳତା ଏବଂ ସାଧନର ଅଭାବ କାରଣରୁ ସୃଷ୍ଟ ଆର୍ଥିକ ବୋଝ ଏବଂ ମାନସିକ ଓ ଶାରୀରିକ କ୍ଳାନ୍ତି ମିଶି ଯାଇ ପରିବାରଗୁଡ଼ିକୁ ତଳିତଳାନ୍ତ କରି ପକାନ୍ତି। ସେହି କାରଣରୁ ବୋଧହୁଏ ହରୀଶଙ୍କ ପିତା କହିଥିବା ଶୁଣିବାକୁ ମିଳିଛି ଯେ ତାଙ୍କର ଏଭଳି ଆବେଦନ ପଛରେ ନିହିତ ଆଉ ଏକ ଲକ୍ଷ୍ୟ ହେଲା ଏଭଳି ଦୁର୍ବିଷହ ସ୍ଥିତିରେ ଥିବା ଅସଂଖ୍ୟ ପରିବାର ପାଇଁ କଲ୍ୟାଣ ସାଧନର ବାଟ ଫିଟାଇବା! ତେବେ 'ୟୁଥାନାସିଆ' ସଂଦର୍ଭରେ ଭିନ୍ନ ମତବାଦୀମାନେ କହନ୍ତି ଯେ ଏଭଳି ଦୃଷ୍ଟାନ୍ତ ଦ୍ୱାରା ପୀଡ଼ିତ ବ୍ୟକ୍ତିମାନଙ୍କୁ ଅନ୍ତିମ ସେବା ପ୍ରଦାନ କରିବାକୁ ଅନିଚ୍ଛୁକ ପରିବାରଗୁଡ଼ିକ ସକାଶେ ଏହା ଜଞ୍ଜାଳରୁ ପରିତ୍ରାଣ ପାଇବାର ଏକ ସୁଯୋଗ ସୃଷ୍ଟି କରିବ! ପ୍ରକାଶ ଥାଉ କି କାନାଡା, ଜର୍ମାନି, ସ୍ୱିଜରଲାଣ୍ଡ ଇତ୍ୟାଦି ଭଳି ହାତଗଣତି ଅଳ୍ପ କିଛି ଦେଶରେ 'ଆକ୍ଟିଭ' ବା 'ସକ୍ରିୟ' ୟୁଥାନାସିଆର ପ୍ରଚଳନ ଅଛି, ଯେଉଁଠି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ଅସରନ୍ତି ଓ ଅସହ୍ୟ ଯନ୍ତ୍ରଣା ମଧ୍ୟ ଦେଇ ଯାଉଥିବା କୌଣସି ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ଔଷଧ ଓ ଇଂଜେକସନ ମାଧ୍ୟମରେ ଗଭୀର ସୁସୁପ୍ତି ମଧ୍ୟକୁ ବାଟ କଢ଼ାଇ ନିଆଯାଏ, ଯେଉଁ ବାଟେ ଯନ୍ତ୍ରଣାଶୂନ୍ୟ ମହାପ୍ରସ୍ଥାନର ଦ୍ୱାର ଖୋଲିଯାଏ। କିନ୍ତୁ ଆମେରିକା ବା ଭାରତ ଭଳି ଦେଶରେ 'ନିଷ୍କ୍ରିୟ' ୟୁଥାନାସିଆକୁ ସ୍ୱୀକୃତି ମିଳିଛି। 'ନିଷ୍କ୍ରିୟ ୟୁଥାନାସିଆ'ର ଅର୍ଥ ହେଲା ଯେଉଁମାନେ 'ଲାଇଫ ସପୋର୍ଟ ସିଷ୍ଟମ' ବା 'ବଞ୍ଚେଇ ରଖିବାର ବ୍ୟବସ୍ଥା' ଉପରେ ନିର୍ଭର କରି କୌଣସିମତେ ଅସ୍ତିତ୍ୱ ବଜାୟ ରଖିଥିବେ, ସେମାନଙ୍କ ଠାରୁ ଅତ୍ୟନ୍ତ ସୁକୁମାର ଭାବେ ଓ ବିଶେଷଜ୍ଞମାନଙ୍କ ତୀକ୍ଷ୍ଣ ଦୃଷ୍ଟି ତଳେ ସେହି ପ୍ରାଣପ୍ରଦାୟୀ ବ୍ୟବସ୍ଥା ଅପସାରଣ କରିନେଇ ପ୍ରାକୃତିକ ଭାବେ ମହାପ୍ରୟାଣର ପଥ ପ୍ରଶସ୍ତ କରି ଦିଆଯିବା। ତେବେ ସକ୍ରିୟ ହେଉ ବା ନିଷ୍କ୍ରିୟ; ୟୁଥାନାସିଆ ଭଳି ବିଷୟ ନୈତିକାଦର୍ଶ ଦୃଷ୍ଟିରୁ ଚିକିତ୍ସକମାନଙ୍କ ସକାଶେ ସଂଶୟର ହେତୁ ହୋଇଥାଏ। ଇତିହାସରୁ ଜଣାଯାଏ ଯେ 'ହିପୋକ୍ରିଟସ' ଶପଥ ନେଇ ଚିକିତ୍ସକମାନେ ଆବିର୍ଭୂତ ହେବା ପୂର୍ବରୁ ପ୍ରାଚୀନ ଗ୍ରୀସ ଓ ରୋମରେ 'ୟୁଥାନାସିଆ'ର ପ୍ରଚଳନ ଥିଲା। ସେମିତି ପ୍ରାଚ୍ୟ ଭୂଖଣ୍ଡରେ ହିନ୍ଦୁମାନେ 'ସମାଧି' ଓ ଜେ ?ନମାନେ 'ସନ୍ତାରା' ମାଧ୍ୟମରେ ମୃତ୍ୟୁକୁ ଇଚ୍ଛାଧୀନ ବିଷୟ କରି ରଖିଥିଲେ। ହିପୋକ୍ରିଟସଙ୍କ ଶପଥ ଜୀବନ ରକ୍ଷାକୁ ଧ୍ୟେୟ କରିଥିବାରୁ ଚିକିତ୍ସକମାନେ ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖନ୍ତି ଏବଂ ସମସ୍ତ ଆଶା ନିଃଶେଷ ହୋଇଯାଇଥିବା ସନ୍ତ୍ୱେ କିଛି ଅଲେ ?କିକ ଘଟିବାର ଆଶା ମଧ୍ୟ ପରିହାର କରି ନ ଥାଆନ୍ତି। 'ବିଙ୍ଗ ମୋର୍ଟାଲ' ନାମକ ଏକ ବହୁଳ ପଠିତ ପୁସ୍ତକର ରଚୟିତା ଭାରତୀୟ ବଂଶୋଦ୍ଭବ ପ୍ରସିଦ୍ଧ ଆମେରିକୀୟ ସର୍ଜନ ଅତୁଲ ଗୋୱାଣ୍ଡେ କିନ୍ତୁ କହନ୍ତି ଯେ ଏଭଳି ଅଲେ ?କିକତା ପ୍ରାୟତଃ ଘଟି ନ ଥାଏ। ତେଣୁ ଆବଶ୍ୟକତା ଅନୁସାରେ 'ୟୁଥାନାସିଆ' ଦ୍ୱାରା ଯନ୍ତ୍ରଣାରୁ ପରିତ୍ରାଣ ସପକ୍ଷରେ ସେ ମତ ଦିଅନ୍ତି। ସେ କହିଥାଆନ୍ତି ଯେ ଆଜିକୁ ଶହେ ବର୍ଷ ପୂର୍ବରୁ ମନୁଷ୍ୟମାନଙ୍କ ଅନ୍ତିମ କ୍ଷଣମାନ ନିଜ ଘରେ ଓ ପରିବାର ସଦସ୍ୟଙ୍କ ମଧ୍ୟରେ କଟୁଥିଲା, ଯାହା ଥିଲା ଆଶ୍ୱାସନାକାରୀ। କିନ୍ତୁ, ସଂପ୍ରତି ଅଧିକାଂଶ ସ୍ଥଳେ ମନୁଷ୍ୟର ଅନ୍ତିମ ସମୟ ଅତିବାହିତ ହେଉଛି କେ ?ଣସି ହସପିଟାଲର ବିଜନ 'ଆଇ.ସି.ୟୁ.'ରେ, ଅପରିଚିତମାନଙ୍କ ଗହଣରେ। ସେଠାରେ ଆୟୁ ଦୀର୍ଘ ହେବାର ପ୍ରତିଶ୍ରୁତି ମିଳୁଛି ସତ, କିନ୍ତୁ ବିଡ଼ମ୍ବନା ହେଲା, ଅର୍ଜିତ ଆୟୁଷତକ ଆଶୀର୍ବାଦ ପରିବର୍ତେ ଅଭିଶାପ ଭଳି ପ୍ରତୀତ ହେଉଛି। ଏଭଳି ଅସହାୟ ଓ ବିକଳ ଅସ୍ତିତ୍ୱରୁ ମୁକ୍ତି ଲାଗି 'ଉନ୍ନମ ମୃତ୍ୟୁ' ବା 'ଗୁଡ୍ ଡେଥ୍' ଅଭିଳଷିତ ହୋଇଥାଏ ବୋଲି ସେ କହନ୍ତି। କିନ୍ତୁ, ଏଣେ, ହିପୋକ୍ରିଟସଙ୍କ ଶପଥ ନେଇଥିବା ଅସଂଖ୍ୟ ଚିକିତ୍ସା ବିଶେଷଜ୍ଞ 'ୟୁଥାନାସିଆ'କୁ ସର୍ବଶେଷ ଆଶ୍ରୟ ବୋଲି ବିଚାର ନ କରି ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଯନ୍ତ୍ରଣାମୁକ୍ତ ଜୀବନ ଉପଲବ୍ଧ କରାଇବା ଲାଗି 'ପାଲିଏଟିଭ' ଚିକିତ୍ସା ଓ ଔଷଧର ବିକାଶ ଦିଗରେ ଅହର୍ନିଶ ଗବେଷଣାରତ ଅଛନ୍ତି, ଯେଉଁ କାରଣରୁ ଅନେକ ପୀଡ଼ିତଙ୍କ ଯନ୍ତ୍ରଣାରେ ଉପଶମ ଘଟୁଛି, ସେମାନଙ୍କ ଶେଷ ଜୀବନରେ ଗୁଣାତ୍ମକ ପରିବର୍ତନ ମଧ୍ୟ ଘଟୁଛି। ଏଭଳି ସ୍ଥଳେ 'ପାଲିଏଟିଭ' ଔଷଧ ଓ ସେବାର ବିକାଶ ଦ୍ୱାରା ଯଦି 'ୟୁଥାନାସିଆ' ଅପ୍ରାସଙ୍ଗିକ ହୋଇ ପଡ଼େ, ତେବେ ତାହା ସୁନିଶ୍ଚିତ ଭାବେ ମାନବ ଜାତି ଲାଗି ଏକ ସୁସମ୍ବାଦ ହେବ। ଗଣମାଧ୍ୟମରେ ପ୍ରକାଶିତ ହୋଇଛି ଯେ ସର୍ବୋଚ୍ଚ ଅଦାଲତର ବିଚାରପତି ଦ୍ୱୟ ଅଶ୍ରୁସଜଳ ଚକ୍ଷୁରେ ହରୀଶଙ୍କ 'ୟୁଥାନାସିଆ'କୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ହରୀଶଙ୍କ ପିତାମାତାଙ୍କ ସକାଶେ ଏହା ହୋଇଥିବ ଏକାଧାରରେ ଆଶ୍ୱସ୍ତି ଓ ଅଶ୍ରୁ ତର୍ପଣର ଏକ ବିଚିତ୍ର ସନ୍ଧି କ୍ଷଣ। ଏକ ନିର୍ବେଦ ଅସ୍ତିତ୍ୱର ବେ ?କଲ୍ୟରୁ ମୁକ୍ତି ଦେବା ସକାଶେ ନିଜ ପ୍ରାଣ ଠାରୁ ଅଧିକ ପ୍ରିୟ ସନ୍ତାନର ହାତ ଧରି ମହାପ୍ରସ୍ଥାନର ଦ୍ୱାର ନିକଟରେ ଛାଡ଼ି ଦେଇ ଆସିଥିବା ଭାଗ୍ୟକୁ ନେଇ ଆଉ ଅଧିକ କ'ଣ ବା ଲେଖାଯାଇପାରେ!

ବିଫଳ ମହାତ୍ମା

୨୦୨୨ରେ 'ନିଉଜ୍‌କ୍ଲିକ୍' ନିଉଜ୍ ପୋର୍ଟାଲ୍‌ରେ ପ୍ରକାଶିତ ଏକ ବହୁଚର୍ଚ୍ଚିତ ରିପୋର୍ଟରେ ପର୍ଶ୍ଚିମବଙ୍ଗକୁ ଦେଶର ''ଧର୍ଷଣ ରାଜ୍ୟ'' ରୂପେ ବର୍ଣ୍ଣନା କରାଯାଇ ଦର୍ଶାଯାଇଥିଲା ଯେ ସେଠାରେ ସେତେବେଳେ ୪୦ ଦିନ ମଧ୍ୟରେ ଯେଉଁ ୧୫ଟି ଧର୍ଷଣ ଘଟଣା ଘଟିଥିଲା, ସେଥିରେ ସମସ୍ତ ଅଭିଯୁକ୍ତମାନେ ଥିଲେ ଶାସକ ତୃଣମୂଳ କଂଗ୍ରେସ ଦଳର ନେତା ବା କର୍ମୀ। ଏବେ ନିକଟରେ ଦେଶବ୍ୟାପୀ ଚାଚଂଲ୍ୟ ସୃଷ୍ଟି କରିଥିବା ସନ୍ଦେଶଖାଲି ଘଟଣାରେ ଅଭିଯୁକ୍ତ ଅଭ୍ୟାସଗତ ଯୌନ ଶୋଷଣକାରୀ ତୃଣମୂଳ କଂଗ୍ରେସ ନେତା ଶାହାଜାହାନ୍ ଶେଖ୍‌କୁ ସୁରକ୍ଷା ପ୍ରଦାନ ନିମିତ ମମତା ସରକାର ପ୍ରଦର୍ଶନ କରିଥିବା ଅତିରିକ୍ତ ଆଗ୍ରହ ଯୋଗୁଁ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ଭର୍ତ୍ସିତ ହେବା ଦେଖାଯାଇଥିଲା। ଆଜି ସ୍ୱାଧୀନତା ଦିବସ। ଆମ ଦେଶ ସ୍ୱାଧୀନତା ଲାଭ କରିବାର ଆଜି ୭୭ ବର୍ଷ ପୂରଣ ହେଲା। ବିଭିନ୍ନ ଲୋକଙ୍କ ବିଚାରରେ ସ୍ୱାଧୀନତାର ସ୍ୱରୂପ ଭିନ୍ନ ଭିନ୍ନ ହୋଇଥାଏ। ଜାତିର ଜନକ ମହାତ୍ମା ଗାନ୍ଧୀ ସେଇ ଅନୁଯାୟୀ ସ୍ୱାଧୀନତାକୁ ଏକ ନିର୍ଦ୍ଦିଷ୍ଟ ରୂପରେ ଦେଖିଥିଲେ। ସ୍ୱାଧୀନତାର ସେଇ ରୂପ ମହାତ୍ମାଙ୍କର ଏହି ସୁପରିଚିତ ଉକ୍ତିରେ ପ୍ରତିଫଳିତ ହୋଇଥାଏ: ''ଭାରତକୁ ସେତିକିବେଳେ ସ୍ୱାଧୀନ ବୋଲି କୁହାଯିବ, ଯେତେବେଳେ ନାରୀମାନେ ଅଧରାତିରେ ଭାରତର ରାସ୍ତାଘାଟରେ ବିଚରଣ କରିବାକୁ ନିରାପଦ ବୋଧ କରିବେ।'' ବାପୁଙ୍କର ସେଇ ମାପକାଠି ଅନୁସାରେ ଭାରତ ଯେ ଏବେ ମଧ୍ୟ ସ୍ୱାଧୀନ ହୋଇନାହିଁ, ତାହାର ଏକ ଜଘନ୍ୟତମ ପ୍ରମାଣ ସଦ୍ୟ ଦେଖିବାକୁ ମିଳିଛି ପର୍ଶ୍ଚିମବଙ୍ଗରେ। ସାରା ଦେଶର ଛାତି ଥରାଇ ଦେଇଥିବା ଏହି ନାରକୀୟ ଘଟଣାରେ, ଦେଶର କୌଣସି ଖୋଲା ରାସ୍ତାଘାଟରେ ନୁହେଁ, କଲିକତାର ଏକ ପ୍ରମୁଖ ସରକାରୀ ହସ୍‌ପିଟାଲ-ମେଡିକାଲ କଲେଜର ଏକ ସୁରକ୍ଷିତ କୋଠରି ଭିତରେ ଦିନସାରା ୧୮ ଘଟାଂ ଡ୍ୟୁଟି କରିସାରି ଥକା ହୋଇ ବିଳମ୍ବିତ ରାତିରେ ବିଶ୍ରାମ ନେଉଥିବା ଜଣେ ସ୍ନାତକୋତର ଡାକ୍ତରୀ ଛାତ୍ରୀ ନିରାପଦ ରହିପାରି ନାହାନ୍ତି। ଏହି ବର୍ବର କାଣ୍ଡକୁ ଯାହା ଆହୁରି ଅଧିକ ଚିନ୍ତାଜନକ କରିଥାଏ, ତାହା ହେଲା, ଏହି କାଣ୍ଡ ଘଟାଇଥିବା ରାକ୍ଷସ ହେଉଛି କଲିକତା ପୁଲିସର ଜଣେ କର୍ମଚାରୀ, ଯାହାକୁ ସମାଜ ରକ୍ଷକ ରୂପେ ବିଚାର କରିଥାଏ। ଏହି ଘଟଣାକୁ ଆମେ ନାରକୀୟ ବୋଲି ବର୍ଣ୍ଣନା କରିବା କେବଳ ଏକ ଗତାନୁଗତିକ ବର୍ଣ୍ଣନା ଶୈଳୀ ନୁହେଁ, ଏହା ପଛରେ ଏକ ନିର୍ଦ୍ଦିଷ୍ଟ କାରଣ ନିହିତ ଅଛି। ଉନବିଂଶ ଶତାବ୍ଦୀର ମହାନ ଜର୍ମାନ୍ ଦାର୍ଶନିକ ଆର୍ଥର୍ ସୋପେନ୍ ହାଉଅର୍ କହିଥିଲେ ନରକ ଆଉ ଅନ୍ୟ କୌଣସି ସ୍ଥାନ ନୁହେଁ, ଆମର ବାସସ୍ଥାନ ଏହି ପୃଥିବୀ ହିଁ ହେଉଛି ଆମ ପାଇଁ ନରକ। ଆମେ ନରକ ସମ୍ବନ୍ଧରେ ଯେଉଁ ଧାରଣା ପୋଷଣ କରିଥାଉ, ତାହା ଅନୁସାରେ ମୃତ୍ୟୁ ପରେ ଅଭିଶପ୍ତ ଆତ୍ମାମାନଙ୍କୁ ନରକକୁ ପଠାଇ ଦିଆଯାଇଥାଏ ଓ ସେଠାରେ ଯମଦୂତମାନେ ସେଇ ଆତ୍ମାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳାଇ ସେମାନଙ୍କୁ ଅସହ୍ୟ ଯନ୍ତ୍ରଣାରେ ଜର୍ଜରିତ କରିଥାନ୍ତି। ସୋପେନ୍ ହାଉଅରଙ୍କ ଅନୁସାରେ ପୃଥିବୀ ନାମକ ଏହି ନର୍କରେ ମନୁଷ୍ୟ ହେଉଛି ଅତ୍ୟାଚାରିତ ଆତ୍ମା ଓ ସେଇ ମନୁଷ୍ୟ ହିଁ ହେଉଛି ଅତ୍ୟାଚାର ଚଳାଉଥିବା ଦାନବ। କଲିକତାର ଆରଜି କର ହସ୍‌ପିଟାଲରେ ଘଟିଥିବା ଏହି ଘଟଣାରେ କିଏ ଥିଲା ଅତ୍ୟାଚାରିତ ଆତ୍ମା ଓ କିଏ ଥିଲା ଅତ୍ୟାଚାରୀ ଦାନବ, ତାହା ସୂଚାଇବା ଅନାବଶ୍ୟକ। ଏଇଭଳି ଦାନବମାନଙ୍କୁ ଦମନ କରି ନାରୀମାନଙ୍କୁ ନିରାପଦ ରଖିପାରିଲେ ଯାଇ ଭାରତ ଏକ ସ୍ୱାଧୀନ ଦେଶ ରୂପେ ବିବେଚିତ ହେବ ବୋଲି ମହାତ୍ମା ତାଙ୍କର ଉପରୋକ୍ତ ଉକ୍ତି ମାଧ୍ୟମରେ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ତାହା ହେଲେ ଭାରତ ନର୍କରୁ ରୂପାନ୍ତରିତ ହୋଇ କ୍ରମେ ସ୍ୱର୍ଗରେ ପରିଣତ ହେବ। ସେଇଥିପାଇଁ ଗାନ୍ଧୀଙ୍କ ମୃତ୍ୟୁ ପରେ ଲଣ୍ଡନ୍‌ରୁ ପ୍ରକାଶିତ ପ୍ରସିଦ୍ଧ ସମ୍ବାଦପତ୍ର 'ଦି ଟାଇମ୍‌ସ' ତା'ର ସଂପାଦକୀୟ ମନ୍ତବ୍ୟରେ ଲେଖିଥିଲା: ''ଗାନ୍ଧୀଙ୍କୁ ସ୍ୱାଗତ କରିବା ପାଇଁ ସ୍ୱର୍ଗର ଦ୍ୱାର କେବେଠାରୁ ଖୋଲି ଦିଆଯାଇଥିଲା। ଗାନ୍ଧୀ କିନ୍ତୁ ଏ ପୃଥିବୀକୁ ଆଉ ଟିକିଏ ସ୍ୱର୍ଗସମ କରିବାରେ ବ୍ୟସ୍ତ ଥିବାରୁ ସେମାନଙ୍କୁ ଅପେକ୍ଷା କରାଇ ରଖିଥିଲେ।'' ପର୍ଶ୍ଚିମବଙ୍ଗରେ ଘଟିଥିବା ଏହି ଘଟଣା ପୁଣି ଥରେ ପ୍ରମାଣ କରିଥାଏ ଯେ ଗାନ୍ଧୀ ତାଙ୍କର ସେଇ ଉଦ୍ୟମରେ ସଂପୂର୍ଣ୍ଣ ରୂପେ ବିଫଳ ହୋଇଛନ୍ତି। ଏହି ବିଫଳତାର ଅନେକ କାରଣ ରହିଛି; କିନ୍ତୁ ପର୍ଶ୍ଚିମବଙ୍ଗରେ ଯାହା ଏହାର ମୁଖ୍ୟ କାରଣ ରୂପେ ଆବିର୍ଭୂତ ହୋଇଛି, ତାହା ହେଉଛି ରାଜନୀତି। ଆଉ ସେଠାରେ ଏହି ରାଜନୀତିର ପ୍ରଭାବ ଏତେ ଶକ୍ତିଶାଳୀ ଯେ ସେ ରାଜ୍ୟରେ ପ୍ରାୟ ଦେଢ଼ ଦଶନ୍ଧି ଧରି ଜଣେ ନାରୀ ମୁଖ୍ୟମନ୍ତ୍ରୀ ରୂପେ ସର୍ବୋଚ୍ଚ ଶାସକ ହୋଇ ଅପ୍ରମିତ କ୍ଷମତାର ଅଧିକାରିଣୀ ହୋଇରହିଥିଲେ ହେଁ, ନିଜର ରାଜନେକ୍ତ୍ରିକ ସ୍ୱାର୍ଥ ସୁରକ୍ଷିତ ରଖିବା ପାଇଁ ସେ ତାଙ୍କ ରାଜ୍ୟରେ ଏପରି ଏକ ନାରୀ-ବିରୋଧୀ ପରିବେଶ ସୃଷ୍ଟି କରିଛନ୍ତି, ଯେଉଁଥିରେ ଉପରୋକ୍ତ ଯମଦୂତ ପୁଲିସ ଭଳି ନାରୀ-ଉତ୍ପୀଡ଼କମାନେ ଅବାଧରେ ବିଚରଣ କରୁଛନ୍ତି ଓ ସେମାନଙ୍କର ବଂଶ ବୃଦ୍ଧି ଘଟିବାରେ ଲାଗିଛି। ମହାତ୍ମା ଯଦି ଆଜି ଜୀବିତ ଥାନ୍ତେ, ତାଙ୍କୁ ଏହାହିଁ ସର୍ବାଧିକ ବ୍ୟଥିତ କରୁଥାନ୍ତା। ଦେଶର ଅନ୍ୟ ରାଜ୍ୟରେ ନାରୀମାନେ ଯେ ଅନୁରୂପ ଦୁର୍ଦ୍ଦଶା ଭୋଗ କରୁନାହାନ୍ତି, ତାହା ନୁହେଁ (ଓଡ଼ିଶାରେ ଏବେବି ଇତିଶ୍ରୀ, ବେବିନା, ମମିତାମାନଙ୍କର ଆତ୍ମା ସେ ସମୟରେ ଦୀର୍ଘ ଚଉଠ ଶତାବ୍ଦୀ ଧରି କ୍ଷମତାରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଉନ୍ନର ମାଗି ବୁଲୁଛନ୍ତି)। କିନ୍ତୁ ପର୍ଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯେଉଁଭଳି ପୀଡ଼ିତାମାନଙ୍କ ପ୍ରତି ସମବେଦନା ପ୍ରକାଶ କରିବା ପରିବର୍ନ୍ତେ ସେମାନଙ୍କୁ ଓଲଟା ଦୋଷ ଦେବା କିମ୍ବା ଅପରାଧୀମାନଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରିବା କିମ୍ବା ସେମାନଙ୍କ ଦୁର୍ଦ୍ଦଶାକୁ ରାଜନେ ?ତିକ ରଙ୍ଗ ଦେବାକୁ ଚେଷ୍ଟା କରିଥାନ୍ତି, ତାହା ଅନ୍ୟତ୍ର ଦେଖାଯାଇ ନ ଥାଏ। ଏହାର ଏକ ଅବିଶ୍ୱସନୀୟ ପ୍ରାରମ୍ଭିକ ଉଦାହରଣ ଦେଖିବାକୁ ମିଳିଥିଲା ୨୦୧୨ରେ ଯେତେବେଳେ ସୁଜେଟ୍ ଜର୍ଡାନ୍ ନାମ୍ନୀ ଜଣେ ୩୭ ବର୍ଷୀୟା ମହିଳା କଲିକତାର ପାର୍କ ଷ୍ଟ୍ରିଟ୍‌ସ୍ଥିତ ଏକ ନାଇଟ୍ କ୍ଲବ୍‌ରୁ ଘରକୁ ଫେରିବା ବାଟରେ ଏକ ଗାଡ଼ି ଭିତରେ ପାଚଂଜଣ ଦୁର୍ବୃତଙ୍କ ଦ୍ୱାରା ଗଣଧର୍ଷଣର ଶିକାର ହୋଇଥିଲେ। ସଦ୍ୟ ମୁଖ୍ୟମନ୍ତ୍ରୀ ହୋଇଥିବା ମମତା ବାନାର୍ଜୀ ସୁଜେଟ୍‌ଙ୍କୁ ସୁରକ୍ଷା ଦେବା ପରିବର୍ନ୍ତେ ତାଙ୍କୁ ଜଣେ ମିଥ୍ୟାବାଦିନୀ ରୂପେ ଅଭିହିତ କରି ତାଙ୍କ ସରକାରକୁ ବଦନାମ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ଓଲଟା ଅଭିଯୋଗ କରି ଦେଶବ୍ୟାପୀ ଭର୍ତ୍ସନାର ସମ୍ମୁଖୀନ ହୋଇଥିଲେ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଅଙ୍ଗନବାଡି କର୍ମୀଙ୍କ ଆରଡିସି ଓ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ

ସମ୍ବଲପୁର,୧୮/୩(ନି/ପ୍ର): ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ମୌଳିକ ସମସ୍ୟାର ସମାଧାନ ଦାବୀରେ ସୋମବାର ସମ୍ବଲପୁରରେ ବିଶାଳ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ପଶ୍ଚିମ ଓଡିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘର ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଅଙ୍ଗନବାଡି କର୍ମୀ ଓ ସହାୟିକା ଯୋଗଦେଇ ନିଜ ଅଧିକାର ସପକ୍ଷରେ ଶକ୍ତିଶାଳୀ ସ୍ୱର ଉତ୍ତୋଳନ କରିଥିଲେ। ସ୍ଥାନୀୟ ନାରୀ ସେବା ସଦନରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହରର ମୁଖ୍ୟ ରାସ୍ତା ଦେଇ ଆରଡିସି ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମୀମାନେ ସ୍ଲୋଗାନ ଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ୟାପକ ଖରା ସତ୍ତ୍ୱେ ମଧ ହଜାର ହଜାର କର୍ମୀ ରାଲିରେ ଯୋଗଦେଇ ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲେ। କର୍ମୀମାନଙ୍କ ମୁଖ୍ୟ ଦାବୀମାନଙ୍କ ମଧ୍ୟରେ ଅଙ୍ଗନବାଡି କର୍ମୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ସମାନ କାମକୁ ସମାନ ଦରମା, ଶ୍ରମିକ ମାନ୍ୟତା, ଶ୍ରମ ସମ୍ମିଳନୀ ନିଷ୍ପତ୍ତି ଅନୁସାରେ ୨୬ ହଜାର ଟଙ୍କା ଦରମା, ଶ୍ରମ କୋଡ୍ ଆଇନ୍ ଅନୁଯାୟୀ ସାମାଜିକ ସୁରକ୍ଷା, ୧୦୦ ଶତକଡା ପଦୋନ୍ନତି, ଉନ୍ନତ ମାନର ମୋବାଇଲ୍ ଫୋନ୍ ପ୍ରଦାନ, ଏସ୍ଏନ୍ପି ଦର ସଂଶୋଧନ, ଅଣ୍ଡା ମୂଲ୍ୟକୁ ବଜାର ଦର ଅନୁଯାୟୀ ପ୍ରଦାନ, ସର୍ବନିମ୍ନ ପେନସନ୍ ୧୦ ହଜାର ଟଙ୍କା, ଅବସର ବେନିଫିଟ୍ ୧୦ ଲକ୍ଷ ଟଙ୍କା, ବର୍ଷକୁ ୪୦ ଦିନ ଛୁଟି, ଦରମା ପ୍ରଦାନରେ ଅନିୟମିତତା ବନ୍ଦ, ବନ୍ଦ ହୋଇଥିବା ଇନକ୍ରିମେଂଟ ପୁନର୍ବାହାଲ, ବିଭିନ୍ନ ମିଟିଂ ଓ କାମ ପାଇଁ ଗସ୍ତ ଓ ଖାଦ୍ୟ ଖର୍ଚ୍ଚ ପ୍ରଦାନ, ସମସ୍ତ କର୍ମୀ ଓ ସହାୟିକାଙ୍କୁ ଇ-ଶ୍ରମ କାର୍ଡ ଓ ଆୟୁଷ୍ମାନ୍ ଯୋଜନାରେ ସାମିଲ କରିବା ସମ୍ମିଳିତ ରହିଥିଲା। କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ପାଢୀ, ସଭାନେତ୍ରୀ ମୀରା ଦଳ ବେହେରା, ସାଧାରଣ ସମ୍ପାଦକ ପ୍ରଭାସିନୀ ପାଢୀ, ରୁକ୍ମିଣୀ କୁଆଡି, ହେମାଦ୍ରି ପ୍ରଧାନ, ଶୈରିନ୍ଦ୍ରୀ ମହାନନ୍ଦ, ସରସ୍ୱତୀ ପଟଂବିହାର ପ୍ରମୁଖ ନେତୃତ୍ୱ ଦେଇଥିଲେ। ସେମାନେ କହିଥିଲେ ଯେ ଅଙ୍ଗନବାଡି କର୍ମୀଙ୍କୁ ବଞ୍ଚିବାଯୋଗ୍ୟ ବେତନ ଓ ସମସ୍ତ ମୌଳିକ ସୁବିଧା ଦେବା ପାଇଁ ସରକାର ଶୀଘ୍ର ପଦକ୍ଷେପ ନେବା ଦରକାର। ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସତର୍କ କରିଥିଲେ। ଏହି ଆନ୍ଦୋଳନରେ ପଶ୍ଚିମ ଓଡିଶା ସ୍ତରୀୟ କେନ୍ଦ୍ରୀୟ ଯୁଗ୍ମ ଆବାହକ ବାଳକୃଷ୍ଣ ଭୋଇ, ପ୍ରମିଳା ସିଂହ, ସାଧବୀ ବିଶ୍ୱାଳ, ଅନୁସୂୟା ଶତପଥି, ଫଣୀ ରାଉଳ, ମିନି ପଣ୍ଡା, ମଞ୍ଜୁଲତା ମାଝୀ, ନୀନା ବିଞ୍ଝାଲ, ଶାନ୍ତିଲତା କୁମୁରା, କନକ ପ୍ରଧାନ, ରୁବୀ ଶତପଥି, ରନ୍ମଣି ସାହୁ, ଗୋଲାପୀ ପଟେଲ, ଅହଲ୍ୟା ନାୟକ ସମେତ ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାରୁ ହଜାର ହଜାର କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ। ଏହି ଅବସରରେ ଆରଡିସି ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଚଂଳ ପୋଲିସ ଛାଉଣୀରେ ପରିଣତ ହୋଇଥିବା ଦେଖାଯାଇଥିଲା।

ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ

ଝାରସୁଗୁଡା,୧୮/୩(ନି/ପ୍ର): ଝାରସୁଗୁଡା ଜିଲା ଲଇକେରା ବ୍ଲକ କାର୍ଯ୍ୟାଳୟ ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଆଜି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଲୋକଙ୍କ ସମସ୍ୟାକୁ ଗୁରୁତର ସହ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଆଜିର ଏହି ଶିବିରରେ ମୋଟ ୩୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ସମସ୍ୟା ହୋଇଥିବା ବେଳେ ୧୨ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା। ମୁଖ୍ୟତଃ ଜମିଜମା ସମ୍ବନ୍ଧୀୟ ବିବାଦ, ଦିବ୍ୟାଙ୍ଗଙ୍କ ସହାୟତା ଏବଂ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ ସେବାରେ ସୃଷ୍ଟି ହେଉଥିବା ବ୍ୟାଘାତ ସମ୍ପର୍କରେ ଲୋକେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନର ପ୍ରଖର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଂଚାୟତ ସ୍ତରରେ ଜନସାଧାରଣଙ୍କ ସୁବିଧା ପାଇଁ ଅଧିକ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯେପରି କୌଣସି ଅବହେଳା ନହୁଏ, ସେଥିପ୍ରତି ସତର୍କ ରହିବାକୁ ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ୨ ଜଣ ହିତାଧିକାରୀଙ୍କୁ ରେଡକ୍ରସ ପାଣ୍ଠିରୁ ୧୦,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି.ଆର ରାଘବେନ୍ଦ୍ର, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଲଇକେରା ବିଡିଓ ଜଜ୍ ଡୁଙ୍ଗଡୁଙ୍ଗଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

ଓପିଜିସି ତରଫରୁ ତିଲିଆରେ ଚକ୍ଷୁ ଚିକିତ୍ସା ଶିବିର

ଝାରସୁଗଡ଼ା,୧୮/୩(ନି/ପ୍ର): ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଆଜି ଝାରସୁଗୁଡା ଜିଲ୍ଲାର ତିଲିଆ ପଂଚାୟତ କାର୍ଯ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କେୟାର ନେତ୍ରମ, ଭୁବନେଶ୍ୱରର ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ପୁଷ୍ପାଞ୍ଜଳି ପଧାନ ତିଲିଆ ସରପଂଚଙ୍କ ଦ୍ୱାରା ଏହି ଶିବିର ଉଦ୍ଘାଟିତ ହୋଇଥିଲା ଓ ବରିଷ୍ଠ ଅଧିକାରୀ ହିମାଂଶୁ ଭୂଷଣ ବେହେରା ଏବଂ କେୟାର ନେତ୍ରମର ମେଡିକାଲ ଟିମ ଉପସ୍ଥିତ ଥିଲେ। ଏହି ଶିବିର ସକାଳ ୯ଟା ରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା ଓ ଆଖପାଖ ୧୧ରୁ ଉର୍ଦ୍ଧ୍ୱ ଗ୍ରାମ ଯଥା ତିଲିଆ, ସିଂଘେଇଁପାଲି, ଫଟାପାଲି, କଟଂଟିକ୍ରା, ରମେଲା, କୋଲଟିକ୍ରା, ଥୁରୁପାଲୀ, ନୂଆପଡା, ବଡ଼ସାରୁଆ ଆଦି ଗ୍ରାମ ଗୁଡ଼ିକରୁ ୩୦୯ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ଓ ସମୁଦାୟ ୨୭୭ଙ୍କୁ ଦୃଷ୍ଟିଶକ୍ତି ସଂଶୋଧନ ପାଇଁ ବିନାମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା। ୧୧ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା। ଓପିଜିସି ସିଏସଆର ଦଳର ସଦସ୍ୟ ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ଅମର ସିଂ, ଏହି ଶିବିରର ସଂଯୋଜନା କରିବାରେ ସାହାଯ୍ୟ କରିଥିଲେ।

ଝାରସୁଗୁଡ଼ା ସହରର ସରବାହାଲଠାରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଶାଖା ଉଦ୍‌ଘାଟିତ

ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ ଜିଲ୍ଲାରୁ ୨୨୨ ତୀର୍ଥ ଯାତ୍ରୀଙ୍କ ପୁରୁଷୋତମ ଧାମ ଯାତ୍ରା

ଖୋର୍ଦ୍ଧା, ୧୮/୩(ନି/ପ୍ର): ରାଜ୍ୟ ପର୍ଯ୍ୟଟନ ବିଭାଗ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭିତର କାଠ ଦର୍ଶନ ଏବଂ ମହାପ୍ରସାଦ ସେବନ ନିମନ୍ତେ ମଙ୍ଗଳବାର ଜିଲ୍ଲାରୁ ୨୨୨ ଜଣ ତୀର୍ଥଯାତ୍ରୀ ପୁରୀ ଶ୍ରୀ ପୁରୁଷୋତମ ଧାମ ଯାତ୍ରା କରିଛନ୍ତି। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୬ଟି ବସ୍ ଆୟୋଜନ କରାଯାଇଥିଲା। ଜିଲ୍ଲାର ଦୁଇଟି ସ୍ଥାନରୁ ତଥା ରାଜ୍ୟ ସଦର ମହକୁମା ବଡଗଡ କଲ୍ୟାଣ ମଣ୍ଡପ ଏବଂ ଜିଲ୍ଲା ସଦର ମହକୁମା ଓରମାସ କାର୍ଯ୍ୟାଳୟ ପରିସରରେ ତୀର୍ଥ ଯାତ୍ରୀ ମାନଙ୍କ ପୁରୀ ଶ୍ରୀ ଜଗନ୍ନାଥ ଦର୍ଶନ ନିମନ୍ତେ ସମସ୍ତ ପ୍ରକାର ସୁ ବନ୍ଦୋବସ୍ତ କରାଯାଇଥିଲା। ତୀର୍ଥ ଯାତ୍ରୀ ମାନେ ଉଭୟ ସ୍ଥାନରେ ସକାଳ ୭ଟାରେ ପହଂଚିଲା ପରେ ଡାକ୍ତରୀ ଦଳ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଯାଂଚ୍ କରାଯିବା ପରେ ସେମାନଙ୍କୁ ଜଳଖିଆ ଖାଇବାକୁ ଦିଆଯାଇଥିଲା କ୍ଷ ପରେ ସେମାନଙ୍କୁ ଏସ୍କର୍ଟ ଅଫିସରଙ୍କ ତତ୍ତ୍ୱାବଧାନରେ ବସରେ ଚଢ଼ାଯାଇ ପାଣି ବୋତଲ, ଛତା ଆଦି କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ଠାରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ପ୍ରଥମ ପର୍ଯ୍ୟାୟରେ ତୀର୍ଥ ଯାତ୍ରୀ ମାନଙ୍କ ପୁରୀ ଶ୍ରୀ କ୍ଷେତ୍ର ଧାମ ଆଗମନର ଶୁଭାରମ୍ଭ କରିଥିଲେ କ୍ଷ ଖୋର୍ଦ୍ଧା ଠାରେ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା, ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ, ନିଜାରତ ଅଧିକାରୀ ରିଶଭ ତ୍ରିପାଠୀ, ଜିଲ୍ଲା ପରିଚାଳିକା, ଓଏସଆରଟିସି ଲିପ୍ସାଲିନ ସାହୁ, ଅତିରିକ୍ତ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହୀଆଲ ଯୋଗଦେଇଥିବା ବେଳେ ପର୍ଯ୍ୟଟନ ବିକାଶ ଅଧିକାରୀ ସୁସ୍ମିତା ପ୍ରଧାନ ପରିଚାଳନା କରିଥିଲେ।

ପ୍ରଶାସନର ତାଗିଦ୍‌କୁ ଶୁଣୁ ନାହାନ୍ତି ବେପାରୀ:

ଝାରସୁଗୁଡ଼ାରେ ଯୋଗାଣ ବିଭାଗର କାର୍ଯ୍ୟାନୁଷ୍ଠାନ

ଝାରସୁଗୁଡ଼ା,୧୮/୩(ନି/ପ୍ର): ମଧ୍ୟପ୍ରାଚ୍ୟରେ ଇରାନବିରୁଦ୍ଧରେ ଇସ୍ରାଏଲ୍ ଏବଂ ଆମେରିକା ଲଗାତାର ଆକ୍ରମଣ ଫଳରେ ବିଶ୍ୱର ଅନେଗଗୁଡ଼ିଏ ରାଷ୍ଟ୍ରରେ ପେଟ୍ରୋଲିୟମ ଜାତ ସାମଗ୍ରୀ ସଙ୍କଟ ଦେଖାଯାଇଛି। ପେଟ୍ରୋଲ ଏବଂ ଡିଜେଲ କିଣା-ବିକା ନେଇ ଅସୁବିଧା ଦେଖାଯାଇ ନଥିବା ବେଳେ ଏଲ୍‌ପିଜି ଗ୍ୟାସ୍ ଅସୁବିଧା ଦେଖାଯାଉଛି। ଫଳରେ ହୋଟେଲ, ରେଷ୍ଟୁରାଂଟ ଏବଂ ରାସ୍ତାକଡ଼ରେ ଥିବା ଦେକାନକରେ ଖାଇବା ଦର ବଢ଼ିଚାଲିଛି। ଘରୋଇ ଗ୍ୟାସ ସଙ୍କଟ ମଧ୍ୟରେ ଚୋରା ବେପାରୀ ଏଥିରୁ ଲାଭ ଉଠାଉଛନ୍ତି। ଏଲ୍‌ପିଜି ଗ୍ୟାସ୍ ଦର ଚୋରା ଦର ବ୍ୟାପକ ଭାବେ ବଢ଼ିଚାଲିଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ଚୋରାରେ ଗ୍ୟାସ ସିଲିଣ୍ଡର ୧୦୦୦ ଟଙ୍କାରେ ମିଳୁଥିବା ବେଳେ ଏବେ ହାର ଦର ୧୫୦୦ରୁ ୨୦୦୦ ଟଙ୍କାରେ ବିକୁଛନ୍ତି। ସରକାରଙ୍କ ତାଗିଦ ପରେ ମଧ୍ୟ ଚୋରା ବେପାରୀମାନେ ନିଜର କଳାକାମ ଜାରି ରଖିଛନ୍ତି। ପ୍ରଶାସନର ଚଢ଼ଉକୁ ବେପାରୀମାନେ ଖାତିର କରୁନାହାନ୍ତି। ବେଆଇନ ଭାବେ ଗଚ୍ଛିତ କରାଯାଇଥିବା ୯୨ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଛି ଯୋଗାଣ ବିଭାଗ। ୨୮ଟି ଭର୍ତ୍ତି ଥିବା ଗ୍ୟାସ ସିଲିଣ୍ଡର ସହ ଗୋଟିଏ ବ୍ୟବସାୟିକ ଭର୍ତ୍ତି ଥିବା ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଯୋଗାଣ ବିଭାଗର ଏହି ଚଢ଼ଉ କରାଯାଇଛି। ବେହେରାମାଲ ଛକ ନିକଟରେ ଥିବା ସାହୁ ଗ୍ୟାସ୍ ସର୍ଭିସ୍‌ରେ ଚଢ଼ଉ କରି ବେଆଇନ ଭାବେ ଗଚ୍ଛିତ ଥିବା ସିଲିଣ୍ଡର ଜବତ କରି ନିଜ ହେପାଜତକୁ ନେଇଛି ଯୋଗାଣ ବିଭାଗ।

ବିପୁଳ ପରିମାଣର ଗଞ୍ଜେଇ ସହ କାର-ବାଇକ ଜବତ, ୨ଗିରଫ

ବ୍ରଜରାଜନଗର,୧୮/୩(ନି/ପ୍ର): ନିଶାମୁକ୍ତ ଓଡ଼ିଶା ଅଭିଯାନର ଏକ ଅଂଶ ଭାବରେ ବ୍ରଜରାଜନଗର ପୁଲିସ ଏକ ବଡ଼ ସଫଳତା ମିଳିଛି। ପୁଲିସ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଏକ ରାକେଟ୍‌କୁ ଧରିବାରେ ସଫଳ ହୋଇଛି। ଆଜି ବ୍ରଜରାଜନଗର ଥାନା ପରିସରରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏକପ୍ରେସ୍ ମିଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ବ୍ରଜରାଜନଗର ଥାନା ଅନ୍ତର୍ଗତ ଲଜକୁରାର ଅମରନାଥ ଦ୍ୱିବେଦୀ (୨୭) ଓ ବୌଦ୍ଧଜିଲ୍ଲା କମିରାର ଶ୍ରୀକାନ୍ତ ଦାସ (୪୨)। ସେମାନଙ୍କ ଠାରୁ ୬୨ କିଲୋ ୬୦ ଗ୍ରାମ ନିଷିଦ୍ଧ ଗଞ୍ଜେଇ, ଗୋଟିଏ ସ୍କୁଟି (ଓଡ଼ି ୨୩ ୟୁ ୧୧୦୬), ଗୋଟିଏ ମୋବାଇଲ୍ ଫୋନ୍ ଗୋଟିଏ କାର(ଓଡ଼ି ୦୨ ଏ ଡ଼ି ୮୬୦୧) ଓ ନଗଦ ଟଙ୍କା ୧୪,୦୫୦ ଟଙ୍କା ଜବତ କରିଛି। ଏହି ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ଧରିବା ଓ ଗଞ୍ଜେଇ ଚାଲାଣର ଲିଙ୍କକୁ ପୁଲିସ ଖୋଜୁଛି ବୋଲି ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରଜରାଜନଗର ଏସ୍‌ଡ଼ିପି ଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ, ବନହର ପାଲି ଆଇଆଇ ସି ଅଧିକାରୀ ରଞ୍ଜିତ ନାୟକ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଗତକାଲି ସନ୍ଧ୍ୟାରେ ଏକ ସ୍କୁଟିରେ ଗଞ୍ଜେଇ ଲଜକୁରା ଜଣେ ଯୁବକ ଘରକୁ ନେଉଥିବା ଖବର ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ ପାଇଥିଲେ। କାଳ ବିଳମ୍ବ ନକରି ପୁଲିସ ଲଜକୁରା ଛକରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିଲେ। ଅପରାହ୍ନ ୫ଟାରେ ସ୍କୁଟିଧରି ଯୁବକ ଜଣକ ସେଠାରେ ପହଁଚିବା କ୍ଷଣି ତାକୁ କାବୁ କରିନେଇଥିଲେ। ମାଜିଷ୍ଟ୍ରେଟ ସମ୍ମୁଖରେ ତନଖି ପରେ ପ୍ରାୟ ୨୩କେଜି ଗଞ୍ଜେଇ ମିଳିଥିଲା। ସେ ତାର ପରିଚୟ ଅମରନାଥ କହିବା ସହିତ ସେ ବେ ?ଦ୍ଧର ଶ୍ରୀକାନ୍ତ ଠାରୁ ଆଣିଥିବା କହିଥିଲା। ତାକୁ ପଚାରଉଚରା ପରେ ଅଭିଯୁକ୍ତ ଯୁବକ ଘରୁ ଦୁଇଟି ଲୁହା ଡ୍ରମ ଓ ଗୋଟିଏ ଆଟାଚିରେ ଗଞ୍ଜେଇ ମିଳିଥିଲା। ପୁଲିସର ୨ଟି ଟିମ ଗତକାଲି ରାତିରେ ବୌଦ୍ଧ ଯିବା ସହ ଶ୍ରୀକାନ୍ତକୁ ଗିରଫ କରିଥିଲା।

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ କ୍ଲଷ୍ଟରସ୍ତରୀୟ ବୈଠକ

ଜୟପୁର,୧୮/୩(ନି/ପ୍ର): ଜିଲ୍ଲା ଶିକ୍ଷା ଓ ପ୍ରତିଷ୍ଠାନରେ ନବମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପ୍ରତିଷ୍ଠାନର ଅଧ୍ୟକ୍ଷା ମମତା କୁମାରୀ ଝୋଡିଆ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବୈଠକର ପ୍ରଥମ ପର୍ଯ୍ୟାୟରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଉମାକାନ୍ତି ବୈପାରି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବ ୮ଟି ମାସିକ ବୈଠକ ବିଷୟ ବସ୍ତୁର ଆଲୋଚନା କରଯାଇଥିଲା। ବରିଷ୍ଠ ପ୍ରଶିକ୍ଷିକା ଗାୟତ୍ରୀ ବୈଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ସମାପ୍ତି ସୂଚକମାନ ନିର୍ଦ୍ଧାରଣ ଫଳାଫଳର ବିଶ୍ଳେଷଣ ଏବଂ ପରବର୍ତ୍ତି ପଦକ୍ଷେପ,ଶିକ୍ଷକ ପ୍ରଶିକ୍ଷିକା ସୁଚିସ୍ମିତା ପାତ୍ର ଶ୍ରେଣୀ ପର୍ଯ୍ୟବେକ୍ଷଣ ସାଧନ, ସିଆରସିସି ଗଣେଶ ଚନ୍ଦ୍ର ମଲ୍ଲିକ ବିଦ୍ୟାଳୟ ପରିଦର୍ଶନ, ପ୍ରବେଶ ଉତ୍ସବ, ଖଡିଛୁଆଁ, ଗ୍ରୀଷ୍ମକାଳୀନ ଶିକ୍ଷଣ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ସୁଶାନ୍ତ ଜେନା ଏବଂ ବ୍ରହ୍ମଦେବ ଟୁଡୁ ଏବଂ ନନ୍ଦପୁର ବ୍ଲକର ସିଆରସିସି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ବୈଠକରେ ଜିଲ୍ଲାର ସମସ୍ତ ୧୩୮ ଜଣ ସିଆରସିସି ଯୋଗଦାନ କରିଥିଲେ।

ଓଡ଼ିଶା ଦିବସ ଉପଲକ୍ଷେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧୮/୩(ନି/ପ୍ର): ଓଡ଼ିଶା ଦିବସ ୨୦୨୬ ପାଳନ ଉପଲକ୍ଷେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂଆଦିଲ୍ଲୀ ସମେତ କୋଲକାତା, ମୁମ୍ବାଇ, ଚେନ୍ନାଇ, ରାଜ୍ୟ ମୁଖ୍ୟାଳୟ ଭୁବନେଶ୍ୱର, ସମସ୍ତ ରାଜସ୍ୱ ଆୟୁକ୍ତ, ଜିଲ୍ଲା ଓ ଉପଖଣ୍ଡସ୍ତରରେ ଓଡ଼ିଶା ଦିବସକୁ ଆନନ୍ଦ, ଉଲ୍ଲାସ ଓ ଆକର୍ଷଣୀୟ ଭାବରେ ମହା ସମାରୋହରେ ପାଳନ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ରାଜ୍ୟ ଗୃହ, ଶିଳ୍ପ, ସୂଚନା ଓ ଲୋକସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗ ଦେଇ ପ୍ରସ୍ତୁତି ସଂପର୍କରେ ଉପସ୍ଥାପନ କରିଥିଲେ। ଓଡ଼ିଶା ଦିବସ ଏପ୍ରିଲ ୧ ତାରିଖ ସଂଧାରେ ରାଜ୍ୟସ୍ତରୀୟ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ। ଜୟଦେବ ଭବନଠାରେ ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହେବ। ରାଜ୍ୟସ୍ତରୀୟ ଉତ୍ସବରେ ଆୟୋଜିତ ସାଧାରଣ ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ବିଶିଷ୍ଟ ଅତିଥ୍ୟାମାନଙ୍କୁ ଯୋଗଦେବା ପାଇଁ ଅନୁରୋଧ କରାଯିବ। ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ଏବଂ ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଉତ୍କଳ ପ୍ରସଙ୍ଗ ଓଡ଼ିଶା ରିଭ୍ୟୁ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ସହ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମକୁ ନେଇ ପ୍ରକାଶ ପାଉଥିବା ପତ୍ରିକା 'ପ୍ରଗତି ପ୍ରବାହ' ର ୩ୟ ସଂସ୍କରଣ ଉନ୍ମୋଚନ ହେବ। ଜୟଦେବ ଭବନରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦିବସ ପାଳନ ଉପଲକ୍ଷେ ବିଭିନ୍ନ ସ୍ଥାନରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଦେଶାତ୍ମବୋଧକ ସଂଗୀତ ବାଦନ, ବିଭିନ୍ନ ସରକାରୀ ଓ ରାଷ୍ଟ୍ରାୟତ ଉଦ୍ୟୋଗ ସୌଧଗୁଡ଼ିକର ଆଲୋକୀକରଣ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିସଫେଇ ଓ ମାଲ୍ୟାର୍ପଣ ନେଇ ଆଲୋଚନା କରାଯାଇଥିଲା। ଦେଶର ପ୍ରମୁଖ ସ୍ଥାନ ନୂଆଦିଲ୍ଲୀ ଠାରେ ପ୍ରମୁଖ ଆବାସିକ ଆୟୁକ୍ତ ଏବଂ କୋଲକାତା, ମୁମ୍ବାଇ, ଚେନ୍ନାଇ ଆଦିଠାରେ ସ୍ଥାନୀୟ ଓଡ଼ିଆ ସମାଜ ସହଯୋଗରେ ଓଡ଼ିଶା ଦିବସ ପାଳନ ହେବ। ଏପ୍ରିଲ ୧ ଓଡ଼ିଶା ଦିବସରୁ ଆରମ୍ଭ କରି ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଅଳିବାକୁ ଆଧାର କରି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଂପୃକ୍ତ ବିଭାଗମାନଙ୍କ ସହଯୋଗରେ ବିଭିନ୍ନ ଦିବସରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡଃ. ଏନ୍.ତିରୁମାଳା ନାଏକ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଚଇନ୍ତ ସିଂ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ, ବୈଷୟିକ ଶ୍ରୀ ଗୁରବୀର ସିଂଙ୍କ ସମେତ ସଂପୃକ୍ତ ଅନ୍ୟ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସିରିଗୁଡ଼ା ଗ୍ରାମ ଠାରେ ଦୀପଯଜ୍ଞ ସହ ଶ୍ରୀରାମ ସେନା ଗଠନ

ଜୟପୁର,୧୮/୩: ଶିରାଗୁଡ଼ା ତ୍ରିନାଥ ମନ୍ଦିର ନିକଟରେ ଦୀପ ଯଜ୍ଞ ଆୟୋଜିତ ହୋଇଥିଲା, ଯାହାର ମୁଖ୍ୟ ଲକ୍ଷ୍ୟ ସଜ୍ଜନ ମାନଙ୍କୁ ସଙ୍ଗଠିତ କରି ଅନୀତି ବିରୁଦ୍ଧରେ ସଂଘର୍ଷ କରିବା ୨୫୧ ଗ୍ରାମରୁ ୧୦୦୮ ଦେବ ଦମ୍ପତିଙ୍କୁ ନେଇ ୨୦ ଏକର ଜମିରେ ଭୂମି ପୂଜନ କରି ଯଜ୍ଞ ଓ ସଂସ୍କାରର ଆୟାଜନ କରିବା। ଏହି ମାସରେ ହେବାକୁ ଥିବା ଶ୍ରୀରାମ ଲୀଳା ଓ ଶ୍ରୀରାମ ନବମୀ କାର୍ଯ୍ୟକ୍ରମକୁ ସଫଳ କରିବା। ଉକ୍ତ କାର୍ଯ୍ୟକ୍ରମର ପରିଚାଳନା ଜିଲ୍ଲା ଗାୟତ୍ରୀ ପରିବାର ମୁଖ୍ୟ ଟ୍ରଷ୍ଟି, ରତ୍ନାକର ପାତ୍ର, ସପ୍ତ ଶୁତ୍ରୀ କାର୍ଯ୍ୟକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି, କୋରାପୁଟ ଜିଲ୍ଲା ବ୍ଲକ ସମନ୍ୱୟକ ଗଙ୍ଗାଧର ପାଣିଗ୍ରାହି, ରଶ୍ମିତା ସିଅ, ନିରଞ୍ଜନ ଭାଇ ପୋଡେଇକେରା ସଂପର୍କ ସମାପନ କରି କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀକୁ ବୁଝାଇ ବାକୁ ଶିରିଗୁଡ଼ାରେ ଦୀପ ଯଜ୍ଞ ହେବା କଥା କହି ପ୍ରଳଙ୍କରି ସନ୍ଧି ବେଳରେ ଜାତି, ଧର୍ମ ,ବର୍ଣ୍ଣ ଭାଷା, ପ୍ରାନ୍ତ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତ ସନାତନି ବନ୍ଧୁ, ଜନ ଜାତିଙ୍କୁ ସଂଗଠିତ ହୋଇ ରହିବା ନିମନ୍ତେ ସନ୍ଦେଶ ଦେଇ ଶ୍ରୀ ରାମ ଯୁବ ସେନା ଓ ମାଆ ଭଗବତୀ ସ୍ୱାଧ୍ୟାୟ ମଣ୍ଡଳ ଗଠନ କରାଯାଇଥିଲା। ଏଥିରେ ସହଯୋଗ କରିଥିଲେ ସମସ୍ତ ସିରଗୁଡ଼ା ଗ୍ରାମବାସୀ। ସିଆଦୀମାଳ ଠାରେ ଏକ ଦୀପ ମହାଯଜ୍ଞ ଆୟୋଜିତ ହୋଇଥିଲା। ତାହାର ପରିଚାଳନା କରିଥିଲେ।

ରାଜଗାଙ୍ଗପୁର ଲାଞ୍ଜିବେର୍ଣା ଖଣି ସଂପ୍ରସାରଣକୁ ଗ୍ରାମବାସୀଙ୍କ ବିରୋଧ

ରାଜଗାଙ୍ଗପୁର,୧୮/୩(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଅଂଚଳର ଲାଞ୍ଜିବେର୍ଣା ଗ୍ରାମରେ ଡାଲମିଆ ସିମେଂଟ ଭାରତ ଲିମିଟେଡ୍‌ଙ୍କ ଖଣି ସଂପ୍ରସାରଣକୁ କେନ୍ଦ୍ର କରି ଦିନକୁ ଦିନ ଆନ୍ଦୋଳନ ତୀବ୍ର ରୂପ ନେଉଥିବା ଦେଖିବାକୁ ମିଳୁଛି । ଗ୍ରାମ ବାସୀଙ୍କ କହିବା ଅନୁଯାଇ ପଂଚମ ଅନୁସୂଚିତ ଜନ ଅଜାତିଙ୍କ ଜମିକୁ କମ୍ପାନୀ ପକ୍ଷରୁ ବେଆଇନ ଭାବରେ ଜମି ଅଧିଗ୍ରହଣ ହେଉଛି ବୋଲି ଅଭିଯୋଗ କରି ଗ୍ରାମବାସୀମାନେ ଦୀର୍ଘ ଦିନ ଧରି ବିରୋଧ ପ୍ରଦର୍ଶନ କରୁଛନ୍ତି କିନ୍ତୁ ଆଜିପର୍ଯ୍ୟନ୍ତ ସରକାର ଙ୍କୁ କୌଣସି କର୍ଣ୍ଣପାତ ହେଉନାହିଁ । ଆଜି ଏହି ଆନ୍ଦୋଳନ ଆଉ ଅଧିକ ତୀବ୍ର ହୋଇଥିଲା, ଯେଉଁଠାରେ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଶାସନ ବିରୋଧରେ ଜୋରଦାର ପ୍ରତିବାଦ କରିଥିଲେ ସଂବିଧାନର ପଂଚମ ତାଲିକା ଅନୁସାରେ ସଂବି ଅନୁଚ୍ଛେଦ ୨୪୪ (୧) ରେ ଥିବା ବ୍ୟବସ୍ଥାକୁ ଉଲ୍ଲେଖ କରି ଗ୍ରାମବାସୀମାନେ ନିଜ ଅଧିକାର ଦାବି କରିଥିଲେ । ସେମାନେ କହିଥିଲେ ଆଦିବାସୀ ଅଂଚଳରେ ଜମି ଯେ, ଆଦିବାସୀ ସମ୍ବନ୍ଧୀୟ ନିଷ୍ପତି ଗ୍ରାମସଭାର ମତ ଅତ୍ୟନ୍ତ ଆବଶ୍ୟକ, କିନ୍ତୁ ସେଥିରେ ପ୍ରଶାସନ ଓ କମ୍ପାନୀ ପକ୍ଷରୁ ଅବହେଳା କରାଯାଉଛି ।ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିବା ଅତିରିକ୍ତ ତହସିଲଦାର ରଞ୍ଜିତ ତିର୍କୀ ଓ ପୋଲିସ ଅଧିକାରୀ ମାନଙ୍କୁ ଗ୍ରାମବାସୀ ମାନେ ସମ୍ବିଧାନିକ ନିୟମ ଓ ଆଇନ ସମ୍ପର୍କରେ ପଢ଼ିକି ସୂଚନା ଦେଇ ତାଙ୍କ ଅଧିକାର ଉପରେ ଜୋର ଦେଇଥିଲେ । ଏହା ସହିତ, ସେମାନେ ସ୍ପଷ୍ଟ କରିଥିଲେ ଯେ ଗ୍ରାମସଭାର ସମ୍ମତି ବିନା କୌଣସି ଭାବରେ ଜମି ଅଧିଗ୍ରହଣ କରାଯିବ ନାହିଁ । ଗ୍ରାମବାସୀମାନଙ୍କ ଆକ୍ରୋଶ ଓ ଏକତା ଦେଖି କିଛି ସମୟ ପାଇଁ ପରିସ୍ଥିତି ଜଟିଳ ହୋଇଯାଇଥୀଲା, ଯଦିଓ ପରେ ପ୍ରଶାସନ ପକ୍ଷରୁ କୌଶଳ ଭାବେ ପରିସ୍ଥିତି କୁ ସ୍ଥିର କରାଯାଇଥିଲା । ଗ୍ରାମବାସୀ ମାନେ ଚେତାବନୀ ଦେଇ କହିଥିଲେ ଯେ । ଯଦି ତାଙ୍କ ଦାବି ପୂରଣ ନହୁଏ , ଆଗାମୀ ଦିନରେ ଆନ୍ଦୋଳନ କୁ ଆହୁରି ଜୋରଦାର ଭାବରେ କରାଯିବ ବୋଲି କହିଥିଲେ । ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିବା ଅତିରିକ୍ତ ତହସିଲଦାର ରଞ୍ଜିତ କୁମାର ତୀର୍କୀ ଙ୍କ ସହିତ ଏକ ବୁଝାମଣା କରି କହିଥିଲେ ଆପଣ ମାନଙ୍କୁ ଆଗାମୀ ଦିନରେ ରେ ଏକ ମଂଚ ଦିୟା ଯିବ ଯେଉଁଠି ନିଷ୍ପତି ନିଆଁ ଯିବ ଏବଂ ବର୍ତମାନ ନିଷ୍ପତି ରେ ଲିଖିତ ଅଭିଯୋଗ ରେ ଅତିରିକ୍ତ ତହସିଲଦାର ଙ୍କୁ ଓ ଖଣି ମେନେଜର ଙ୍କୁ ପଂଚମ ଅନୁସୂଚିତ ଜନଜାତି ଅଧିନିୟମ ୨୪୪(୧)କୁ ନେଇ ଏକ ଲିଖିତ ଅଭିଯୋଗ ପାତ୍ର ପ୍ରଦାନ କିରି ଥିଲେ ଏବଂ ତାଙ୍କ ଠାରୁ ରିସିବ କପି ନେଇଥିଲେ ।

ସେକ୍ଟର-୩ ସ୍ଥିତ ମା ତାରିଣୀ ମନ୍ଦିର ର ୨୬ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଭକ୍ତଙ୍କ ସମାଗମରେ ସଂପନ୍ନ

ରାଉରକେଲା,୧୮/୩(ନି/ପ୍ର): ରାଉରକେଲା ସେକ୍ଟର ୩ ସ୍ଥିତ ବାସନ୍ତୀ ପୂଜା ପଡିଆ ସଂଲଗ୍ନ ମା ତାରିଣୀ ମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ପୂର୍ବ ଘୋଷିତ ଅନୁସାରେ ଚୈତ୍ର ମଙ୍ଗଳବାର ମାର୍ଚ୍ଚ ୧୭ ତାରିଖ ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଏବର୍ଷ ମଧ ମା ଙ୍କ ବାର୍ଷିକ ଉତ୍ସବ ରେ ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ ହୋଇଥିଲା । ଆଜି ଯଜ୍ଞ ମଣ୍ଡପ ରେ ଶତାଧିକ ମହିଳା ଓ ପୁରୁଷ ଭକ୍ତ ଙ୍କ ସମାଗମ ଦେଖିବାକୁ ମିଳିଥିଲା । ପୂର୍ଣ୍ଣ ଆହୁତି ସମୟରେ ସମଗ୍ର ପରିବେଶ ମନ୍ତ୍ର ଧ୍ୱନି, ହୁଳହୁଳି ଓ ହରିବୋଲ ରେ ପ୍ରକମ୍ପିତ ହୋଇଉଠିଥିଲା । ସମସ୍ତ ଭକ୍ତ ସମଗ୍ର ବିଶ୍ୱର ମଙ୍ଗଳ କାମନା କରି ଏହି ଯଜ୍ଞରେ ରେ ନାରିକେଳ ଆଦି ଆହୁତି ଦେଇଥିଲେ ।ଚଳିତ ବର୍ଷ ମାଙ୍କ ମନ୍ଦିରରେ ନୂତନ ରଙ୍ଗ କାମ

ସହ କାରୁକାର୍ଯ୍ୟ ଅତି ନିପୁଣ ସହ ହୋଇଥିବା ବେଳେ ଆଲୋକ ସାଜସଜ୍ଜା ମନ୍ଦିର ର ଶୋଭା କୁ ବୃଦ୍ଧି କରିଛି। ଶିଳ୍ପୀ ର ତୁଳୀ ସ୍ପର୍ଶ ରେ ମନ୍ଦିର ରେ ଅବସ୍ଥାପିତ ମା ଙ୍କ ପ୍ରତିଟି ମୂର୍ତ୍ତି ଅତି ସୁନ୍ଦର ଓ ଶୋଭନୀୟ ହୋଇ ଉଠିଛି । ଭକ୍ତିମୟ ପରିବେଶ ରେ ସମସ୍ତ ଭକ୍ତ ମା ଙ୍କ ନିକଟରେ ନିଜ ପରିବାର ର ମଙ୍ଗଳ କାମନା କରୁଥିବା ଦୃଶ୍ୟମାନ ହୋଇଥିଲା ପୂର୍ଣ୍ଣ ଆହୁତି ପରେ ସମସ୍ତ ଭକ୍ତଙ୍କ ପାଇଁ ବାସନ୍ତୀ ପୂଜା ପଡିଆରେ ଭଣ୍ଡାରାର ବ୍ୟବସ୍ଥା କରାଯାଇଥିଲା । ଏଥିରେ ରାଉରକେଲା ସେକ୍ଟର ଅଂଚଳ ସମେତ ଆଖପାଖ ର ପ୍ରାୟ ୪ ହଜାର ଭକ୍ତ ସାମିଲ ହୋଇ ସାମୁହିକ ପ୍ରସାଦ ସେବନ କରିଥିଲେ । ମନ୍ଦିର କମିଟି ର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ ରେ ସମସ୍ତ କାର୍ଯ୍ୟ ସୁଚାରୁ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହୋଇଥିଲା । ମନ୍ଦିର କମିଟି ର ଅଧ୍ୟକ୍ଷ ସୁଧିର ସୁନ୍ଦର ରାୟ ପ୍ରତିକ୍ରିୟା ଦେଇ କହିଥିଲେ ।

୮୦୦ରୁ ଅଧିକ ବୋତଲ ମଦ ଜବତ : ୫ ଗିରଫ

ସୁନ୍ଦରଗଡ,୧୮/୩(ନି/ପ୍ର): କିଞ୍ଜିରିକେଲା ଥାନା ପକ୍ଷରୁ ଆଜି ୮୦୦ରୁ ଅଧିକ ବୋତଲ ନକଲି ବିଦେଶୀ ମଦ ଜବତ୍ କରାଯାଇଛି । ଏ ନେଇ କିଞ୍ଜିରିକେଲା ଥାନାରେ ବିପିଏସ୍ କେସ୍ ନଂ ୯୭/୨୬, ୯୮/୨୬, ୯୯/୨୬, ୧୦୦/୨୬, ଏବଂ ୧୦୧/୨୬ ଅନୁଯାୟୀ ମାମଲା ରୁଜୁ କରାଯିବା ସହିତ ଏଥିରେ ଜଡିତ ୫ ଜଣଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟରେ ହାଜର କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଗୌତମ ସାହୁ ପିତା - ବୈଦ୍ୟନାଥ ସାହୁ, ଛତ୍ରଭୁଜ ସାହୁ ପିତା - ଦୋଳଗୋବିନ୍ଦ ସାହୁ, ମୁକେଶ ବେହେରା ପିତା - ଚୁନୁ ବେହେରା, ଭୀମସେନ ସାହୁ ପିତା-ସ୍ୱର୍ଗତଃ ଦୋଳଗୋବିନ୍ଦ ସାହୁ ଏବଂ ବନମାଳୀ ବେହେରା ପିତା - ସ୍ୱର୍ଗତଃ ପୂର୍ଣ୍ଣ ଚନ୍ଦ୍ର

ବେହେରା ବୋଲି ଚିହ୍ନଟ କରାଯାଇଛି । ସମସ୍ତେ କିଞ୍ଜିରିକେଲା ଗ୍ରାମର ବାସିନ୍ଦା । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଭିଯାନ ସମୟରେ ବହୁ ପରିମାଣର ବେଆଇନ ମଦ ଜବତ କରାଯାଇଥିଲା । ଜବତ ସାମଗ୍ରୀ ମଧ୍ୟରେ ୪୩୩ ବୋତଲ ବିୟର କ୍ୟାନ, ବିଭିନ୍ନ ବ୍ରାଣ୍ଡର ୩୯୮ ବୋତଲ ହ୍ୱିସ୍କି ଏବଂ ଭୋଡକା ଅନ୍ତର୍ଭୁକ୍ତ । ମାମଲାର ଅଧିକ ତଦନ୍ତ ଜାରି ରହିଛି ।

କୁଆଁରମୁଣ୍ଡାରେ ବନାଗ୍ନି ନିବାରଣ ନେଇ ସଚେତନତା ଶିବିର

ରାଉରକେଲା,୧୮/୩: ବନାଗ୍ନି ନିବାରଣ ନେଇ ସଚେତନତା କାର୍ଯ୍ୟକ୍ରମ ରାଉରକେଲା ବନଖଣ୍ଡ ପକ୍ଷରୁ ଡ଼ିଏଫଓ ଯଶବନ୍ତ ସେଠିଙ୍କ ନିର୍ଦ୍ଦେଶ କ୍ରମେ କୁଆଁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ହାଇସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ରରେଖା ଦେହୁରୀ ଅଧକ୍ଷତା କରିବା ସହ ସ୍ୱାଗତ ଅଭିଭାଷାନ ପ୍ରଦାନ କରିଥିଲେ । ବରେଣ୍ୟଅତିଥି ଭାବେ କୁଆଁରମୁଣ୍ଡା ଫରେଷ୍ଟର ହେମାବତୀ ସାହୁ, ଫରେଷ୍ଟ ଗାର୍ଡ ସ୍ନେହାଞ୍ଜଳି, ସମାଜସେବୀ ରବୀନ୍ଦ୍ର କୁମାର ମହନ୍ତ, ଅମୁଲ୍ୟ କୁମାର ଜେନା, ୱାଇ.ଏମ.ଏଫ.ଆଇ ର

ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ କ୍ଷ ଜଙ୍ଗଲ ନିଆଁ ଯୋଗୁଁ ଜୈବ ବିବିଧତା ହ୍ରାସ ପାଇବା, ମୃର୍ତିକା କ୍ଷୟ, ଜଳ ସଙ୍କଟ ଓ ବାୟୁ ପ୍ରଦୂଷଣ ଯୋଗୁଁ ମାନବ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ । ଏଣୁ ଶୁଖିଲା ପତ୍ରରେ ନିଆଁ ନଲଗାଇବା, ଯଦି କେଉଁଠି ବନାଗ୍ନି ଘଟେ ତାହାକୁ ଲିଭାଇବା ଓ ବନ ବିଭାଗକୁ ସୂଚନା ଦେବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ । ଏଥିନେଇ ସମସ୍ତେ ଶପଥ ପାଠ କରିଥିଲେ ।ଏହାପରେ ସ୍କୁଲ ପରିସରରୁ ଶତାଧିକ ଛାତ୍ରୀ ଓ ଶିକ୍ଷୟିତ୍ରୀ ଏକ ଶୋଭାଯାତ୍ରା ରେ ସାମିଲ ହୋଇ ସ୍ଥାନୀୟ ଅଂଚଳ ପରିକ୍ରମା କରିଥିଲେ ।

ପ୍ରଣତି ବେହେରାଙ୍କ କବିତା ସଂକଳନ 'ନବଘନର ଘର' ଉନ୍ମୋଚିତ

ସାହିତ୍ୟ କୌଣସି ଧାରାରେ ବାନ୍ଧି ହୁଏନା, ବରଂ ଅନ୍ୟର ମରମ କଥା କହିଥାଏ

ରାଉରକେଲା,୧୮/୩(ନି/ପ୍ର): କବି ପ୍ରଣତି ବେହେରାଙ୍କ ପ୍ରଥମ କବିତା ସଂକଳନ 'ନବଘନର ଘର' ଉନ୍ମୋଚିତ ହୋଇଯାଇଛି । ସ୍ଥାନୀୟ ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ପ୍ରେକ୍ଷାଳୟରେ ଆୟୋଜିତ ସାରସ୍ୱତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ରାଜକିଶୋର ଷଡ଼ଙ୍ଗୀ ଯୋଗଦେଇ କବି ଶ୍ରୀମତୀ ବେହେରାଙ୍କ କାବ୍ୟ ସଂକଳନ ଉପରେ ଆଲୋଚନା କରିଥିଲେ । 'କୌଣସି କବିତା ଗୋଟିଏ ଧାରାରେ ବାନ୍ଧି ହୋଇ ରହେନା, ତେବେ ଅନ୍ୟର ମରମ କଥା ଯଦି ତହିଁରେ ପରିଦୃଷ୍ଟ ହୁଏ, ତେବେ ତାହା ସାହିତ୍ୟ । ନବଘନର ଘରରେ ତାହା ପ୍ରତିଫଳିତ ହୋଇଥିବା ସେ କହିଥିଲେ । ମୁଖ୍ୟବକ୍ତା ଭାବେ କବି ତଥା ସାମ୍ବାଦିକ ଲକ୍ଷ୍ମୀନାରାୟଣ ହୋତା ଯୋଗଦେଇ କାବ୍ୟ ପୁସ୍ତକ ଉପରେ ଦୃଷ୍ଟିପାତ କରିବା ସହ 'ସରଳ ସାଧାରଣ ମଣିଷ ଯାହା କହିପାରେନା, ତାହା ସାହିତ୍ୟ କହେ କବିତା ହେଉଛି ପ୍ରତିବାଦର କଳା ବୋଲି ସେ କହିଥିଲେ । କବି ତ୍ରିନାଥ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉନ୍ମୋଚନ ପର୍ବରେ ମୁଖ୍ୟଆଲୋଚକ ପ୍ରାଧାପକ ଡ. ନୂତନ ଖମାରୀ କବିତା ପୁସ୍ତକରେ ପ୍ରତିଫଳିତ ବିଭିନ୍ନ ଚେତନାକୁ ଏକବିଂଶ ଶତାବ୍ଦୀର ପୃଷ୍ଠଭୂମିରେ ଆଲୋଚନା କରିଥିବାବେଳେ ଅଧାପକ ଡ଼. ନଗେନ୍ ଦାସ୍ ହଜି ଯାଉଥିବା ମୂଲ୍ୟବୋଧକୁ ନେଇ କବି ବେଶ୍ ଚିନ୍ତିତ ଥିବା ପ୍ରକାଶ କରିବା ସହ କବିତାର ଗତି ଓ ପ୍ରଗତି ସହ ନବଘନର ଘର ପୁସ୍ତକ ସଂକଳିତ କବିତା ଗୁଡ଼ିକରେ ସାଂପ୍ରତିକ ସମାଜର ବିଭିନ୍ନ ଅବ୍ୟବସ୍ଥା ଓ ଅବକ୍ଷୟକୁ ପ୍ରତିବିମ୍ବିତ କରୁଛି, ସେ ଉପରେ ଆଲୋକପାତ କରିଥିଲେ । କବି ଗୋପକୃଷ୍ଣ ନାୟକ କବିତା ଗୁଡ଼ିକରେ ସନ୍ନିହିତ ଏକ ଏକ ସୁଦୃଢ଼ କାହାଣୀ ଓ କଥାବସ୍ତୁକୁ ଚମତ୍କାର କାବ୍ୟିକ ପରିଭାଷାରେ ଉପସ୍ଥାପନା କରିଥିବାର ଚାତୁର୍ଯ୍ୟ ସଂପର୍କରେ ଉଲ୍ଲେଖ କରିଥିଲେ । ପ୍ରାରମ୍ଭରେ ଗାଳ୍ପିକ ବିବିଧବିଶ୍ୱଙ୍କ ପ୍ରାକ୍‌ଭାଷ ପରେ କଣ୍ଠଶିଳ୍ପୀ ସସ୍ମିତା ସାହୁ ଦୀପଂଜ୍ୟୋତି ମନ୍ତ୍ର ପାଠ କରିବା ସହ ଓ ପ୍ରଣତିଙ୍କ ମଧୁମୟ କବିତାକୁ ସଂଗୀତର ରୂପ ଦେଇ ପରିବେଷଣ କରିଥିଲେ । କବିତା ସଂକଳନ ଉନ୍ମୋଚନ ପରେ କବି ଶ୍ରୀମତୀ ବେହେରା ନିଜକଥା ରଖିଥିଲେ । ଏହି ଅବସରରେ କବି ପ୍ରଣତିଙ୍କ ରଚିତ ନିର୍ବାଚିତ କବିତା ପାଠ କରିଥିଲେ ସୁସ୍ମିତା ମହାପାତ୍ର, ରଶ୍ମି ସାହୁ, ବିଜୟନୀ ଜେନା, ସ୍ମିତା ମିଶ୍ର, ଲୋପାମୁଦ୍ରା ମିଶ୍ର, ସୁଷମା ପଟେଲ, ସ୍ନିଗ୍ଧା ନାୟକ । କବି ଭିକାରୀ ଚରଣ ଚୌଧୁରୀ , କବି ବିଶ୍ୱ ରଂଜନ ହୋତା, ଅଧାପିକା ସୁସ୍ମିତା ଯୋଶୀ ପାଠକୀୟ ଅଭିମତ ରଖିଥିଲେ । ଧନ୍ୟବାଦ ଦେଇଥିଲେ କବି ଗଣେଶ ତ୍ରିପାଠୀ । ପରବର୍ତ୍ତୀ ପର୍ଯ୍ୟାୟରେ କବି ପରେଶ ବିଶ୍ୱାଳଙ୍କ ସଭାପତିତ୍ୱ ଏବଂ ସାହିତ୍ୟିକ ଶିବାଶିଷ ପାଢ଼ୀ ଓ ସ୍ନିଗ୍ଧା ନାଏକଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ କବି ଅଶୋକ ପଟ୍ଟନାୟକ, ବିଶ୍ୱରଞ୍ଜନ ହୋତା, ସତ୍ୟଭାମା ପଟେଲ, ନିତମ୍ବିନୀ କର, ମୀନାରାଣୀ ସହାୟ, ଆଶିଷ ଭୋଇ, ପ୍ରତାପ ପଣ୍ଡା, ଶ୍ୟାମପଦ ମିଶ୍ର, ଉଦିତ ନାଏକ, ପୁଷ୍ପଲତା ପାଣିଗ୍ରାହୀ, ରଶ୍ମି ସାହୁ, ନିଶିକାନ୍ତ ମିଶ୍ର, ସସ୍ମିତା ମହାପାତ୍ର, ସ୍ମିତା ମିଶ୍ର, ଅଶୋକ ରାଉତ, ସ୍ନିଗ୍ଧା ନାୟକ, ତ୍ରିନାଥ ସିଂହ, ପରେଶ ବିଶ୍ୱାଳ ଓ କୃଷ୍ଣଚନ୍ଦ୍ର ପଟେଲ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଉତ୍ସବରେ ରାଉରକେଲା, ସୁନ୍ଦରଗଡ଼, ବଣେଇଗଡ଼, ରାଜଗାଙ୍ଗପୁର ଆଦି ଅଂଚଳରୁ ଶତାଧିକ ସାହିତ୍ୟିକ ଯୋଗଦେଇଥିଲେ ।

ଗ୍ରୀନଫିଲ୍ଡ ସମ୍ପ୍ରସାରଣ ନିମନ୍ତେ ଆରଏସପି ଏବଂ ମେକନ୍ ମଧ୍ୟରେ ପରାମର୍ଶ ଚୁକ୍ତିନାମା ସ୍ୱାକ୍ଷରିତ

ରାଉରକେଲା,୧୮/୩(ନି/ପ୍ର): ସେଲ୍,ରାଉରକେଲା ଇସ୍ପାତ କାରଖାନା (ଆରଏସପି) ମାର୍ଚ୍ଚ ୧୬ ତାରିଖ ଦିନ ରାଚିଂସ୍ଥିତ ମେକନ୍ ଲିମିଟେଡ ସହ ଆରଏସପି ଗ୍ରୀନଫିଲ୍ଡ ସମ୍ପ୍ରସାରଣ ନିମନ୍ତେ ସମ୍ଭାବ୍ୟତା ରିପୋର୍ଟ (ଏଫଆର) ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡ଼ିପିଆର) ପ୍ରସ୍ତୁତି ପାଇଁ ପରାମର୍ଶଦାତା ନିଯୁକ୍ତିଠକ୍ତଙ୍କସ୍ପ; ର ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି । ଏହି ଚୁକ୍ତିନାମାଟି ଆରଏସପି ର ପ୍ରକଳ୍ପ ବିଭାଗର ସିଜିଏମ ଶ୍ରୀ ରାହୁଲ ଅଗ୍ରୱାଲ ଏବଂ ପ୍ରକଳ୍ପ (ବାଣିଜ୍ୟିକ) ବିଭାଗର ସିଜିଏମ ଶ୍ରୀ ଏ.କେ. ସାହୁଙ୍କ ସହ ଆରଏସପି ଏବଂ ମେସର୍ସ ମେକନ୍ ଲିମିଟେଡର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା । ଏହି ପରାମର୍ଶ ଚୁକ୍ତିନାମା ଏକ ଗ୍ରୀନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ସ୍ଥାପନ ମାଧ୍ୟମରେ ଆରଏସପିର ଅଶୋଧିତ ଇସ୍ପାତ ଉତ୍ପାଦନ ବାର୍ଷିକ ୫ ନିୟୁତ ଟନ ଏବଂ ହଟ୍ ମେଟାଲ୍ ଉତ୍ପାଦନ ବାର୍ଷିକ ୫.୧୫ ନିୟୁତ ଟନ ବୃଦ୍ଧି କରିବା ପାଇଁ ପରିକଳ୍ପନା କରାଯାଉଛି । ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ ପରିସର ମଧ୍ୟରେ ସମ୍ଭାବ୍ୟତା ରିପୋର୍ଟ (ଏଫଆର) ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡ଼ିପିଆର), ମୃତିକା ଅନୁସନ୍ଧାନ କାର୍ଯ୍ୟ, ଭୂପୃଷ୍ଠ ସର୍ବେକ୍ଷଣ, ଆରଏସପିର ସମ୍ପ୍ରସାରଣ ନିମନ୍ତେ ପରିବେଶଗତ ମଞ୍ଜୁରୀ ହାସଲ କରିବା ଅନ୍ତର୍ଭୁକ୍ତ ରହିଛି । ଏକ ପ୍ରମୁଖ ଇଞ୍ଜିନିୟରିଂ ପରାମର୍ଶଦାତା ସଂସ୍ଥା ଭାବେ ମେକନ୍ ଲିମିଟେଡ ନିୟୋଜିତ ହେବା ଆରଏସପି ର ସମ୍ପ୍ରସାରଣ ପଦକ୍ଷେପ ପାଇଁ ବ୍ୟାପକ ବୈଷୟିକ-ଅର୍ଥନୈତିକ ମୂଲ୍ୟାଙ୍କନ ଏବଂ ବିସ୍ତୃତ ଯୋଜନାକୁ ସହଜ କରିବ । ଚୁକ୍ତିନାମା ଅନୁଯାୟୀ କରାଯାଇଥିବା ଅଧ୍ୟୟନ ଏବଂ ସର୍ଭେ ଆରଏସପିର ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ବୈଷୟିକ ଇନପୁଟ୍ ଏବଂ ବୈଧାନିକ ମଞ୍ଜୁରୀ ମଧ ପ୍ରଦାନ କରିବ ।

ଉତ୍କଳ ଦିବସ ପାଳନ ଉପଲକ୍ଷେ ରାଉରକେଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ

ରାଉରକେଲା,୧୮/୩(ନି/ପ୍ର): ଉତ୍କଳ ଦିବସ ତଥା ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଆଜି ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜାତୀୟ ଦିବସ ପାଳନ କମିଟି ଅଧକ୍ଷା ଏବଂ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ମହାନଗର ନିଗମ ଡେପୁଟି କମିଶନର ଶ୍ରୀମତୀ ଅନୀତା ନାୟକ, ଡେପୁଟି କମିଶନର ଶ୍ରୀମତୀ ପଲ୍ଲବୀ ନାୟକ, ରାଉରକେଲା ଡେପୁଟି କଲେକ୍ଟର ଶ୍ରୀମତୀ ପ୍ରଦଭ୍ୟା ବଡପଣ୍ଡା, ଆଡିସନାଲ ସବ-କଲେକ୍ଟର ଶ୍ରୀମତୀ ଚାନ୍ଦିନୀଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ସୀମା ଫାତିମା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଉତ୍କଳ ପାଳନ ଉପଲକ୍ଷେ ଏହି ପ୍ରସ୍ତୁତି ବୈଠକରେ ଉତ୍କଳ ଦିବସ ବା ଓଡ଼ିଶା ଦିବସ ସମସ୍ତ ଓଡ଼ିଆବାସୀଙ୍କ ପାଇଁ ଗର୍ବ, ଗୌରବ ତଥା ସମ୍ମାନର ଦିବସ ହୋଇଥିବାରୁ ଏହି ଦିବସଟିକୁ ମହାସମାରୋହରେ ପାଳନ ନିମନ୍ତେ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଥା ଜାତୀୟ ଦିବସ ପାଳକ କମିଟିର ଆବାହକ ଶ୍ରୀମତୀ ସୀମା ଫାତିମା ଏକ୍କା, ବିଗତ ବର୍ଷର କାର୍ଯ୍ୟକ୍ରମର ବିବରଣୀ ସଭାଗୃହରେ ଉପସ୍ଥାପନ କରିବା ସହ ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବାକୁ ସଭ୍ୟ ଓ ସଭ୍ୟାମାନଙ୍କୁ ଅନୁରୋଧ କରିଥିଲେ । ସବିଶେଷ ଆଲୋଚନା ପରେ ଉତ୍କଳ ଦିବସ କାର୍ଯ୍ୟକ୍ରମଗୁଡ଼ିକ ଆୟୋଜନ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପରି ଗୃହିତ ହୋଇଥିଲା । ଉତ୍କଳ ଦିବସ ଦିନ ସକାଳ ସମୟରେ ସମଗ୍ର ସହରାଂଚଳରେ ଡାକବାଜି ଯନ୍ତ୍ର ଜରିଆରେ ଉତ୍କଳ ଜନନୀଙ୍କ ବନ୍ଦନା ପରିବେଷଣ କରାଯିବା ସହିତ ଶୋଭାଯାତ୍ରା ପ୍ରାତଃ ୭ଟା ସମୟରେ ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜୁନିୟର୍ ରେଡକ୍ରସ, ସ୍କାଉଟ୍ ଓ ଗାଇଡ୍, ଦେସାମରିକ ପ୍ରତିରକ୍ଷା ବାହିନୀ, ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ବେଦବ୍ୟାସ ଗୁରୁକୁଳ ଆଶ୍ରମର ଅନ୍ତେବାସୀ କଥା ସହରରେ ଥିବା ବିଭିନ୍ନ ଅନୁଷ୍ଠାନର ସଭ୍ୟ ଓ ସଭ୍ୟାମାନଙ୍କୁ ନେଇ ଏକ ଶୋଭାଯାତ୍ରା ଆମ୍ବେଦକର ଛକ ନିକଟରୁ ବାହାରି ରାଉରକେଲା ମୁଖ୍ୟ ରାସ୍ତା ଦେଇ ମଧୁସୂଦନ ଛକ ନିକଟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତି ସ୍ଥଳ ନିକଟରେ ସକାଳ ୮ଟା ୩୦ ମିନିଟ୍ ସୁଦ୍ଧା ପହଂଚିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ସେକ୍ଟର ଅଂଚଳରେ ଥିବା ବିଭିନ୍ନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସହ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ଏହି ଶୋଭାଯାତ୍ରାରେ ଯୋଗଦାନ କରିବାକୁ ଅନୁରୋଧ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଯିବା ଆସିବା ପାଇଁ ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟ, ନିଜ ନିଜ ଅନୁଷ୍ଠାନର ବସ୍ ବା ଗାଡ଼ି ବ୍ୟବହାର କରିବେ । ଶୋଭାଯାତ୍ରାରେ କେବଳ ଉଚ୍ଚବିଦ୍ୟାଳୟ ସ୍ତରୀୟ ଏବଂ ତଦୁର୍ଦ୍ଧ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ବୋଲି ସ୍ଥିର କରାଯାଇଥିଲା । ପୂର୍ବବର୍ଷ ଭଳି ଉଦିତନଗର ଠାରୁ ଡେଲିମାର୍କେଟ୍ ଏବଂ ବିର୍ସା ଛକ ମଧ୍ୟରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ସମ୍ପୃକ୍ତ ଅନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅଧାପକ ଓ ଅଧାପିକା ଏହି ଶୋଭାଯାତ୍ରାରେ ସାମିଲ ହେବେ ।

ଗୋରୁ ବୋଝେଇ ପିକ୍ ଅପ ଭ୍ୟାନକୁ ଅଟକାଇଲେ ଗାଁ ଲୋକ

ସୁନ୍ଦରଗଡ଼,୧୮/୩(ନି/ପ୍ର): ସଦର ଥାନା କୋପସିଙ୍ଗା ଅଂଚଳରେ ଗତକାଲି ବିଳମ୍ବିତ ରାତିରେ ଗ୍ରାମବାସୀ ଗୋ-ଚାଲାଣକରୁଥିବା ପିକଅପ ଭ୍ୟାନକୁ ଅଟକାଇଛନ୍ତି । ଗାଁ ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ପିକଅପ ଭ୍ୟାନ୍ (ଡଉ-୧୪ଉ-୨୮୧୭) କୁ ସନ୍ଦେହ କରି ଅଟକାଇବାରୁ ସେଥିରେ ୧୩ଟି ଗୋରୁ ବୋଝେଇ ହୋଇଥିବା ଦେଖି ଗାଡ଼ିକୁ ଅଟକାଇବା ସହଚାଳକ ସମେତ ଅନ୍ୟ ୨ ଜଣ ସହଯୋଗୀଙ୍କୁ ମଧ ଅଟକ ରଖି ସଦର ଥାନାକୁ ଖବର ଦେଇଥିଲେ ଗ୍ରାମବାସୀ । ଏହି ଗାଡ଼ିର ଚାଳକ ଅତ୍ୟଧିକ ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚଳାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ । ଅଟକ ଥିବା ବ୍ୟକ୍ତିମାନେ ହେଲେ ଚାଳକ ସନମ କେରକେଟା (୨୬), ଗୋରୁ ବେପାରୀ ଆଲି ହୁସେନ (୪୦) ଏବଂ ସହଯୋଗୀ ସରନ କୁଂଅରଦାର (୨୨) । ଏମାନଙ୍କ ପାଖରେ ପଶୁ ପରିବହନ ପାଇଁ କୌଣସି ବୈଧ କାଗଜପତ୍ର ନଥିଲା । ଘଟଣାସ୍ଥଳରେ ତୀବ୍ର ଉନ୍ତେଜନା ପ୍ରକାଶ ପାଇଥିବା ବେଳେ ଗ୍ରାମବାସୀମାନେ ଗୋରୁଗୁଡ଼ିକୁ ଉଦ୍ଧାର କରି ସୁରକ୍ଷିତ ଭାବେ କୌଣସି ଗୋଶାଳାରେ ରଖିବା ପାଇଁ ଦାବି କରିଛନ୍ତି ।